ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.93 Bhubaneswar Wednesday May 17 2023 | ୨୬ତମ ବର୍ଷ ସଂଖ୍ୟା-୯୩ ଭୁବନେଶ୍ୱର, ବୁଧବାର, ମଇ ୧୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ବିଭାଗ ଜାଣିନାହାନ୍ତି ରାଜ୍ୟର ଉନ୍ନୟନ କମିଶନର

ଭୁବନେଶ୍ୱର,୧୬।୫(ପି.ଏନ): ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଅଶୋକ ଚ୍ନ୍ଦ୍ର ପଣ୍ଡାଙ୍କ ରାଜ୍ୟ ସରକାରର କେଉଁ ବିଭାଗର ମନ୍ତ୍ରୀ ଅଛନ୍ତି ସେ ସମ୍ପର୍କରେ ରାଜ୍ୟର ଉନ୍ନୟନ କମିଶନର ଅନୁ ଗର୍ଗ ଅବଗତ ନାହାନ୍ତି । ଆପଣ ହୁଏତ ବିଶ୍ୱାସ କରିନପାରନ୍ତି । କିନ୍ତୁ ଏହା ସତ । ଆଜି ଦୁବାଇରେ 'ଓଡିଶା ଦିବସ' ପାଳନବେଳେ ଏଭଳି ଅକ୍ଷମଣୀୟ ତ୍ରୁଟି ପଦାକୁ ଆସିଛି । କେବଳ ସେତିକି ନୁହେଁ 'ଓଡିଶା ଦିବସ' ପାଳନ ସମାରୋହରେ ରାଜ୍ୟର ବିଧାୟକ ଓ ସାଂସଦମାନେ ଉପସ୍ଥିତ ଥିଲେ ମଧ ନିଜ ଉଦଘାଟନୀ ଅଭିଭାଷଣରେ 'ଓଡିଶା ପରିବାର' ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ସେମାନଙ୍କୁ ଅଣଦେଖା କରିବାକୁ ପଛାଇ ନାହାନ୍ତି । ଏପରିକି ପ୍ରବାସୀ ଓଡିଆଙ୍କ ଆଗରେ ସରକାରୀ ପ୍ରୋଟୋକଲକୁ ଅଣଦେଖା କରି ସେଠାରେ ଉପସ୍ଥିତ ଥିବା ଓଡିଶାର ଅଫିସରମାନଙ୍କ ନାଁକୁ ଜଣ ଜଣ କରି ସମ୍ବୋଧିତ କରିଥିବାବେଳେ ସର୍ବଶେଷରେ ଏଠାରେ ଉପସ୍ଥିତ ଥିବା 'ବିଧାୟକ ଓ ସାଂସଦମାନେ' କହି




ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିବା ଜଣାପଡିଛି ।ସୂଚ୍ନା ଅନୁସାରେ, ଆଜି ଦୁବାଇର ତାରକା ହୋଟେଲ 'ଲେ ମରିଡିଆନ୍ 'ଠାରେ ଓଡିଶା ସରକାର ଓ ଦୁବାଇସ୍ଥିତ ଭାରତର କନସୁଲେଟ୍ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ 'ଓଡିଶା ଦିବସ' ପାଳନ ହେଉଛି । ଗତକାଲି ଭୁବନେଶ୍ୱରରୁ-ଦୁବାଇରୁ ସିଧାସଳଖ ଆନ୍ତର୍ଜାତିକ ବିମାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବା ପରେ ସେହି ବିମାନରେ ଦୁବାଇ ଗସ୍ତ କରିଥିବା ରାଜ୍ୟର ୨୫ରୁ ଅଧିକ ବିଜେଡି ବିଧାୟକ ଓ ସାଂସଦଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଫିସର ଓ ସେମାନଙ୍କ ପରିବାର ସଦସ୍ୟମାନେ ଆଜି ସନ୍ଧ୍ୟାରେ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡିକରେ ରହୁଥିବା ପ୍ରବାସୀ ଓଡିଆମାନଙ୍କ ସହ ଦୁବାଇର ଏକ ତାରକା ହୋଟେଲରେ 'ଓଡିଶା ଦିବସ'ପାଳନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ପଦକୁ ନେଇ ସସପେନ୍ସ ଜାରି: ସାଧାରଣ ବିଧାୟକ ଭାବେ କାମ କରିବାକୁ ଶିବକୁମାର ରାଜି !

ନୂଆଦିଲ୍ଲୀ,୧୬।୫(ପି.ଏନ): ଏଯାଏ ମୁଖ୍ୟମନ୍ତ୍ରୀ ହେବାକୁ ଜିଦ ଧରି ବସିଥିବା କର୍ଣ୍ଣାଟକା କଂଗ୍ରେସ ମୁଖ୍ୟ ଡିକେ ଶିବକୁମାର ଆଜି ସନ୍ଧ୍ୟାରେ ଦଳର ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଭେଟିଛନ୍ତି। ଉଭୟ ୱାନ ଟୁ ୱାନ ଆଲୋଚ୍ନା କରିଥିଲେ ମଧ ମୁଖ୍ୟମନ୍ତ୍ରୀ କିଏ ହେବେ, ତା' ଉପରୁ ପରାଦା ହଟିନି ।ଖଡଗେଙ୍କ ସହ ଆଲୋଚ୍ନା କରିବା ବେଳେ ଶିବକୁମାର ଜଣେ ସାଧାରଣ ବିଧାୟକ ଭାବେ କାମ କରିବାକୁ ରାଜି ଥିବା କଥା କହିଛନ୍ତି। ଯଦି ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ନ ମିଳିବ, ତା'ହେଲେ କିଛି ବି ଅସୁବିଧା ନାହିଁ ବୋଲି ଶିବକୁମାର ବୈଠକରେ



ବେଳେ ଖଡଗେଙ୍କୁ କହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି । ଏଥିସହ ଦଳରେ ଖଡଗେ ଦବଦବା ଓ ଲୋକପ୍ରିୟତା ଥିବା ସତ୍ତ୍ୱେ ସେ କେବେ ହେଲେ ମୁଖ୍ୟମନ୍ତ୍ରୀ ହୋଇ ନଥିବା କଥା ମଧ ଶିବକୁମାର ତାଙ୍କୁ ଜଣାଇଛନ୍ତି। ଶିବକୁମାରଙ୍କ ପରେ ଖଡଗେ ଅନ୍ୟତମ ବରିଷ୍ଠ ନେତା ସିଦ୍ଦରମୈୟାଙ୍କୁ ମଧ ଭେଟିଛନ୍ତି।

## ଓଡ଼ିଶାରେ ଗଭର୍ଣ୍ଣାନ୍ସର ଅଭାବ ରହିଛି: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୬।୫(ପି.ଏନ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ତଥ୍ୟନୁସାରେ ଓଡ଼ିଶାର ଗର୍ଭବତୀ ମାଆ, ନବଜାତ ଶିଶୁ, କିଶୋର କିଶୋରୀଙ୍କ ଅବସ୍ଥା ଚିନ୍ତାଜନକ । ଓଡ଼ିଶାରେ ଗଭର୍ଣ୍ଣାନ୍ସର ଅଭାବ କାରଣରୁ ଏହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦୈନିକ ଖବରକାଗଜରେ ପ୍ରକାଶିତ "ଓଡ଼ିଶା ମୁଣ୍ଡରେ ଅପପୁଷ୍ଟିର କଳଙ୍କ" ଆଲେଖ୍ୟ ଆଧାରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟରେ ଅପପୁଷ୍ଟି, ଶିଶୁମୃତ୍ୟୁ ହାର, ମହିଳା ମାନଙ୍କ ରକ୍ତହୀନତା ସମସ୍ୟା ଏକ ପ୍ରମୁଖ ପ୍ରସଙ୍ଗ । ବୟସ ଓ ଉଚ୍ଚତା ଅନୁସାରେ ନବଜାତ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶ ହେଉନାହିଁ । ଜନଜାତି ପିଲା ଓ କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ । ଏହା କେବଳ ବିରୋଧୀ ଦଳର ଅଭିଯୋଗ ନୁହେଁ ବରଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସର୍ଭେର ରିପୋର୍ଟ କହୁଛି । ଆଜି ଜନ୍ମ ନେଉଥିବା ଶିଶୁଙ୍କୁ ନେଇ ଦେଶ ଅମୃତ ମହୋତ୍ସବ ପାଳନ କରିବ । ପ୍ରାୟ ୧୩ ବର୍ଷ ପରେ ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଅର୍ଥାତ୍ ଆଜିର ୧୦ ବର୍ଷର ପିଲା ସେ ସମୟରେ ୨୩ ବର୍ଷର ଯୁବକ ହେବ । ସେହି ପିଲାର ଦୃଢ ଇଚ୍ଛାଶକ୍ତି ବଳରେ ଓଡ଼ିଶା ପରିବର୍ତ୍ତନର ବଡ଼ ଭରସା ହେବ । ମାତ୍ର ବର୍ତ୍ତମାନରୁ ସେମାନଙ୍କର ସ୍ୱାସ୍ଥ୍ୟ ଓ ଶରୀରର ଯତ୍ନନେବାକୁ ହେବ । ମାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘ ବର୍ଷ ଧରି ଅନୁରୋଧ କରାଯିବା ପରେ ମଧ ସେ ଏ ଦିଗ ପ୍ରତି ଧ୍ୟାନ ନ ଦେବା ଦୁଃଖର ବିଷୟ । ଓଡ଼ିଶାରେ ଗଭର୍ଣ୍ଣାନ୍ସର ଅଭାବ ରହିଛି । ମୋତେ କାଉଣ୍ଟର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋତ ଯେତେ ଗାଳିମନ୍ଦ କଲେ ଚଳିବ କିନ୍ତୁ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଧ୍ୟାନ ଦିଆଯାଉ । ଗଭର୍ଣ୍ଣାନ୍ସ ଅଭାବକୁ ସେ ପୂରଣ କରନ୍ତୁ । ଡବଲ ଇଞ୍ଜିନ ସରକାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇପାରିବ ନାହିଁ । ଏଠି ଫାଳେ ଇଞ୍ଜିନ ଅଛି । ଶ୍ରୀଜଗନ୍ନାଥଙ୍କ ଭୂମିରେ ଇଞ୍ଜିନ କାହାକୁ ଦିଆଯିବ ତାହା ମହାପ୍ରଭୁ ନିଷ୍ପତି ନେବେ । ହରିୟାଣାରେ ଡବଲ ଇଞ୍ଜିନ ସରକାର ପରେ ସେଠାରେ ବାଳିକାଙ୍କ ଜନ୍ମ ସଂଖ୍ୟା ବୃଦ୍ଧି ପାଇଛି । ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଳ ପ୍ରସଙ୍ଗ ଏବଂ ତଥ୍ୟ ଆଧାରରେ ଏହାର ବିତର୍କ ହେବା ଜରୁରୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ବିଜେଡି ବିଧାୟକ ଶଶିଭୂଷଣଙ୍କ ନାଁରେ ବୋହୂ ଦେଲେ ଏତଲା

ଭୁବନେଶ୍ୱର, ୧୬।୫ (ପି.ଏନ):ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ନାଁରେ ତାଙ୍କ ବୋହୁ ଏତଲା ଦେଇଛନ୍ତି । ତାଙ୍କ ବୋହୁ ଶଶିଭୂଷଣ, ତାଙ୍କ ପୁଅ ଓ ପତ୍ନୀଙ୍କ ନାଁରେ ବାଙ୍କୀ ଥାନାରେ ଏତଲା ଦେଇଥିବା ଜଣା ପଡିଛି । ଯୌତୁକ ନିର୍ଯାତନା ଓ ମାରପିଟ ନେଇ ଏତଲାରେ ଉଲ୍ଲେଖ ଥିବା ଜଣା ପଡିଛି । ସେ ବାହାଘର ପରେ ଶାଶୁଘର ଲୋକେ ୪୦ ଲକ୍ଷ ଟଙ୍କା ମାଗୁଥିବା ଅଭିଯୋଗ କରିଛନ୍ତି । ଶଶିଭୂଷଣଙ୍କ ପୁଅ ୪୦ ଲକ୍ଷ ମାଗି ମାରପିଟ କରୁଥିବା ଅଭିଯୋଗ କରିଛନ୍ତି । ୪୦ ଲକ୍ଷ ଦାବିରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଏତଲାରେ କୁହାଯାଇଛି । ଏନେଇ ଶ୍ୱଶୁର ଶଶିଭୂଷଣଙ୍କୁ କହିବାରୁ ସେ ଗାଳିଗୁଲଜ କରିଥିବା କୁହାଯାଉଛି । ବୋହୂଙ୍କ ଏତଲା ଆଧାରରେ ମାମଲା ରୁଜୁ କରିଛି ବାଙ୍କୀ ଥାନା ପୋଲିସ ।

## ୧୮ ତାରିଖରେ ପ୍ରକାଶ ପାଇବ ମାଟ୍ରିକ୍ ପରୀକ୍ଷା ଫଳ

ଭୁବନେଶ୍ୱର, ୧୬।୫(ପି.ଏନ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ(ମାଟ୍ରିକ୍) ପରୀକ୍ଷା ଫଳ ଆସନ୍ତା ୧୮ ତାରିଖରେ ପ୍ରକାଶ ପାଇବ । କଟକ ସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ରମାଶିଷ ହାଜରା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ଗୁରୁବାର ସକାଳ ୧୦ଟା ବେଳେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ।ଦିନ ୧୨ଟା ସୁଦ୍ଧା ସମସ୍ତେ ମାଟ୍ରିକ୍ ପରୀକ୍ଷା ଫଳ ଜାଣିପାରିବେ ବୋଲି ବୋର୍ଡର ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି କହିଛନ୍ତି, । ପିଲାମାନେ ମୋବାଇଲରେ ଏସଏମଏସ କରି ମଧ ଜାଣିପାରିବେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଛାତ୍ରଛାତ୍ରୀ ମାନେ ୱେବସାଇଟରୁ ବି ଫଳ ଜାଣିପାରିବେ । ବୋର୍ଡ ୱେବସାଇଟରେ ଛାତ୍ରଛାତ୍ରୀ ରେଜଲ୍ଟ ଜାଣିପାରିବେ। ଏହାସହିତ ନିଜର ମୋବାଇଲରୁ ଓଆର୧୦ ଏବଂ ନିଜର ରୋଲ ନମ୍ବରକୁ ଟାଇପ କରି ୫୬୭୬୭୫୦କୁ ପଠାଇଲେ ପରୀକ୍ଷା ଫଳ ଜାଣିହେବ। ଏଥର ୫ ଲକ୍ଷ ୧୮ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ଏଥର ପରୀକ୍ଷାଫଳକୁ ତ୍ରୁଟିଶୂନ୍ୟ କରିବା ଲାଗି ପ୍ରୟାସ କରାଯାଇଛି । ସୂଚନାଯୋଗ୍ୟ, ମାଟ୍ରିକ୍, ମଧ୍ୟମା, ମୁକ୍ତବିଦ୍ୟାଳୟ ପାଇଁ ମୋଟ ୫ ଲକ୍ଷ ୪୧ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବା ବେଳେ ରାଜ୍ୟର ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା ।ରାଜ୍ୟରେ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାର ମୂଲ୍ୟାୟନ ଏପ୍ରିଲ ୩ ତାରିଖରୁ ଆରମ୍ଭ ହୋଇ ୧୨ ଦିନ ପର୍ଯ୍ୟନ୍ତ ଚାଲିଥିଲା।

## ପଶ୍ଚିମରୁ ଦକ୍ଷିଣ, ଉପକୂଳରୁ ଉପାନ୍ତ; ସବୁଠି ତ୍ରାହି ତ୍ରାହି

ଭୁବନେଶ୍ୱର,୧୬।୫(ପି.ଏନ): ପଶ୍ଚିମରୁ ଦକ୍ଷିଣ। ଉପକୂଳରୁ ଉପାନ୍ତ, ସବୁଠି ତ୍ରାହି ତ୍ରାହି। ଖରା ଗରମ ସାଙ୍ଗକୁ ସାଙ୍ଘାତିକ ହେଉଛି ଗୁଳୁଗୁଳି। ସକାଳୁ ରାତି ଯାଏଁ କେତେବେଳେ ଗରମରୁ ନିସ୍ତାର ମିଳୁନି। ଟିକେ ବାହାରକୁ ବାହାରିଲେ ଅବସ୍ଥା ଅସମ୍ଭାଳ। ଆହୁରି ୫ ଦିନ ଏପରି ସ୍ଥିତି ସାରା ରାଜ୍ୟରେ ରହିବା ନେଇ ଚେତାବନୀ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଯଦିଓ ପଶ୍ଚିମ ଓଡିଶାରେ ଅଗ୍ନିବର୍ଷା ହେଉଛି, ଉପକୂଳରେ କିନ୍ତୁ କଲବଲ କରୁଛି ହ୍ୟୁମିଡିଟି(ଆଦ୍ରତା)। ଦିନରେ ପ୍ରାୟ ୭୫ ପ୍ରତିଶତ ଆଦ୍ରତା



ହେତୁ ଗୁଳୁଗୁଳି ଅସହ୍ୟ କରୁଛି। ପୁରୀ, ଗୋପାଳପୁର, ପାରାଦୀପ, ଭୁବନେଶ୍ୱର, ବାଲେଶ୍ୱର ପରି ସହରର ଆଦ୍ରତା ୭୫ ପ୍ରତିଶତରୁ ଉପରେ ରହୁଛି ।ସେପଟେ ଆଜି ରାଜ୍ୟର ୧୫ଟି ସହର ତାପମାତ୍ରା ୪୧ ଡିଗ୍ରୀ ଉପରେ ରହିଛି। ଆଉ ସମ୍ବଲପୁର ପାଲଟିଛି ଉତ୍ତପ୍ତ ସହର। ଏଠି ତାପମାତ୍ରା ୪୪.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହି ବୌଦ୍ଧରେ ୪୪.୨ ଡିଗ୍ରୀ, ବଲାଙ୍ଗିରରେ ୪୪.୦ ଡିଗ୍ରୀ, ନୂଆପଡାରେ ୪୪.୦ ଡିଗ୍ରୀ, ଝାରସୁଗୁଡାରେ ୪୩.୮ ଡିଗ୍ରୀ, ମାଲକାନଗିରିରେ ୪୩.୫ ଡିଗ୍ରୀ, ଟିଟିଲାଗଡରେ ୪୩.୫ ଡିଗ୍ରୀ, ରାଉରକେଲାରେ ୪୩.୪ ଡିଗ୍ରୀ, ସୋନପୁରରେ ୪୩.୧ ଡିଗ୍ରୀ, ସୁନ୍ଦରଗଡରେ ୪୨.୮ ଡିଗ୍ରୀ, ଅନୁଗୋଳରେ ୪୨.୭ ଡିଗ୍ରୀ, ହୀରାକୁଦରେ ୪୨.୫ ଡିଗ୍ରୀ, ଭବାନୀପାଟଣାରେ ୪୨.୫ ଡିଗ୍ରୀ, ତାଳଚେରରେ ୪୨.୦ ଡିଗ୍ରୀ, ଦେବଗଡରେ ତାପମାତ୍ରା ୪୧.୦ ଡିଗ୍ରୀ ରେକର୍ଡ କରାଯାଇଛି।

## ତାତିରୁ ମିଳିଲା ଆଶ୍ୱସ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା

ଭୁବନେଶ୍ୱର,୧୬।୫(ପି.ଏନ): ତାତିରୁ ମିଳିଲା ଆଶ୍ୱସ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା । ଉପକୂଳ ଓଡିଶାରେ ପାଗ ମେଘୁଆ ସହିତ କାଳବୈଶାଖୀ ବର୍ଷା ଜାରି ରହିଛି । ଭୁବନେଶ୍ୱରରେ ଘଡଘଡି ବିଜୁଳି ସହ ବର୍ଷାପବନ ହୋଇଛି । ଏହାଛଡ଼ା ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁରରେ ବି କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଉପକୂଳ ଓଡିଶାରେ ୧୦ ହଜାରରୁ



ଅଧିକ ଥର ବିଜୁଳି ମାରିଥିବା ସୂଚ୍ନା ମିଳିଛି । ଦାମିନି ଆପରୁ ବିଜୁଳି ସମ୍ପର୍କରେ ସୂଚ୍ନା ମିଳିଛି । ବର୍ଷା ସମୟରେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

## ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ, ୯ ମୃତ

ମେଦିନପୁର,୧୬।୫(ପି.ଏନ): ପଶ୍ଚିମବଙ୍ଗ ମେଦିନପୁର ଜିଲ୍ଲା ସାହାରାରେ ବାଣ କାରଖାନାରେ ବିସ୍ଫୋରଣ । ବିସ୍ଫୋରଣରେ ୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ରୁ ଅଧିକ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ୍ୟୁ ସଂଖ୍ୟା ଆହୁରି ବଢିପାରେ ବୋଲି ଆଶଙ୍କା କରାଯାଉଛି । କାରଖାନା ନିକଟରେ ଥିବା ଏକ ପୋଖରୀରେ ମୃତଦେହ ପଡିଥିବା ସନ୍ଦେହରେ ଖୋଜାଖୋଜି ଚ୍ାଲିଛି । ରେସକ୍ୟୁ ଅପରେଶନରେ ସାମିଲ ହୋଇଛି ଅଗ୍ନିଶମ ବାହିନୀ । ୬ ପ୍ଲାଟୁନ ପୋଲିସ ଫୋସ ଘଟଣା ସ୍ଥଳରେ ମୁତୟନ ହୋଇଛନ୍ତି ।

## ସିଦ୍ଧରମୈୟାଙ୍କ ସପକ୍ଷରେ ରାହୁଲ ଗାନ୍ଧି, ନିରାଶ ହେବେ ଶିବକୁମାର !

ନୂଆଦିଲ୍ଲୀ,୧୬।୫(ପି.ଏନ): ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ସ୍ଥିତିରୁ କିଛି ଶିଖିନି କଂଗ୍ରେସ। କର୍ଣ୍ଣାଟକାରେ କ୍ଷମତା ଦଖଲ କରିବାକୁ କଂଗ୍ରେସ ଯେତିକି କଷ୍ଟ କରି ନଥିଲା, ଏବେ ମୁଖ୍ୟମନ୍ତ୍ରୀ ବାଛିବାକୁ ତା' ଠାରୁ ଅଧିକ କଷ୍ଟ କଲାଣି। କର୍ଣ୍ଣାଟକାର ଦୁଇ ବରିଷ୍ଠ ନେତା ସିଦ୍ଦରମୈୟା ଓ ଡିକେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଗୋଡ ଟେକି ବସିଛନ୍ତି ।କର୍ଣ୍ଣାଟକା ପିସିସି ସଭାପତି ହେଉଛନ୍ତି ଶିବକୁମାର। ତାଙ୍କ ନେତୃତ୍ୱରେ ଦଳ ନିର୍ବାଚ୍ନ ଲ? ବିଜୟୀ ହୋଇଥିଲା। ଶିବକୁମାର ମଧ ଅନେକ ଘାତପ୍ରତିଘାତ ସତ୍ତ୍ୱେ ଦଳକୁ ବିଜୟ ଭେଟି ଦେଇଛନ୍ତି। ବିଜୟ ପରେ ସେ ମୁଖ୍ୟମନ୍ତ୍ରୀ ହେବେ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ଏବେ ମିଳିଥିବା ଖବର ଯଦି ସତ,



ତା'ହେଲେ ଶିବକୁମାରଙ୍କୁ ନିରାଶ ହେବାକୁ ପଡିପାରେ ।ଏବେ ଉଭୟ ସିଦ୍ଦରମୈୟା ଓ ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ସମ୍ପର୍କରେ ଆଲୋଚ୍ନା କରିବାକୁ ଦିଲ୍ଲୀରେ ରହିଛନ୍ତି। କଂଗ୍ରେସ ନେତୃବୃନ୍ଦ ମଧ ଘନଘନ ଆଲୋଚ୍ନା କରୁଛନ୍ତି। ଏବେ ଏହି ଦୁଇ ନେତାଙ୍କୁ ନେଇ କଂଗ୍ରେସ ନେତୃ ମଣ୍ଡଳୀ ମଧ ଦୁଇ ଭାଗ ହେବା ସ୍ଥିତିରେ ପହଞ୍ଚି ଯାଇଛନ୍ତି।

## ବ୍ୟକ୍ତିଗତ ଟିପ୍ପଣୀ ଦେଇ ୨ ମହିଳାଙ୍କୁ ହତୋତ୍ସାହିତ କରିଛନ୍ତି କେନ୍ଦ୍ରମନ୍ତ୍ରୀ: ବିଜେଡି

ଭୁବନେଶ୍ୱର,୧୬।୫(ପି.ଏନ): କେନ୍ଦ୍ରମନ୍ତ୍ରୀଙ୍କ ଟିପ୍ପଣୀକୁ ନେଇ ବିଜେଡିର କଡ଼ା ଜବାବ । ପ୍ରେସମିଟ୍ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନକୁ ଟାର୍ଗେଟ କଲେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ମହିଳାଙ୍କ ସମ୍ମାନ ଉପରେ ଦେଇଥିବା ଟିପ୍ପଣୀକୁ କଡ଼ା ସମାଲୋଚ୍ନା । ବ୍ୟକ୍ତିଗତ ଟିପ୍ପଣୀ ଦେଇ ୨ ମହିଳାଙ୍କୁ ହତୋତ୍ସାହିତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଝାରସୁଗୁଡା ଉପନିର୍ବାଚ୍ନବେଳେ ଦୀପାଳିଙ୍କୁ ମଧ ବିଜେପି ଏକ ଗୋଷ୍ଠୀ ଅପମାନିତ କଲେ । ଯାହାର ଫଳ ଝାରସୁଗୁଡା ଉପ ନିର୍ବାଚ୍ନରେ ବିଜେପିକୁ ମିଳିସାରିଛି ।ତେବେ ମିଶନ ଶକ୍ତି ମାଆଙ୍କ ଉପରେ ଆପଣଙ୍କ ଏତେ ରାଗ କାହିଁକି ? ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ଓଡ଼ିଶାର ଲୋକ ଶାନ୍ତ, ସରଳ ଓ ସ୍ୱାଭିମାନୀ । ୨୦୨୨ ପଞ୍ଚାୟତ ନିର୍ବାଚ୍ନରେ ଲୋକେ ଏହାର ଜବାବ ଦେଇଛନ୍ତି । ଏଥିରୁ ଆପଣ ବୁଝିଯିବା ଦରକାର ବୋଲି କହିଛନ୍ତି ବିଜେଡି ମୁଖପାତ୍ର । ତେଣୁ ମହିଳାଙ୍କୁ ସମ୍ମାନ ଦେବା ବିଜେପି ଶିକ୍ଷା କରିବା ଆବଶ୍ୟକ । ଯଦି ନବୁଝନ୍ତି ନିର୍ବାଚ୍ନରେ ଲୋକେ ଜବାବ ଦେବେ ।

## ଏଥର ବିଳମ୍ବରେ ଆସିବ ମୌସୁମୀ, ତାରିଖ ଆକଳନ କଲା ଆଇଏମଡି

ଭୁବନେଶ୍ୱର,୧୬।୫(ପି.ଏନ): ସାମାନ୍ୟ ବିଳମ୍ବରେ ଏଥର କେରଳ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଚ୍ଳିତ ବର୍ଷ ମୌସୁମୀ ଜୁନ ୪ ତାରିଖ ବେଳକୁ କେରଳ ଛୁଇଁବାର ସମ୍ଭାବନା ଥିବା ଆଜି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଳମ୍ବରେ ମୌସୁମୀ ଆସିବାକୁ ଥିଲେ ହେଁ ଏହାର ପ୍ରଭାବରେ ସ୍ୱାଭାବିକ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ ପୁଣିଥରେ କୁହାଯାଇଛି ।ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧ରେ କେରଳ ଛୁଇଁଥାଏ। ହେଲେ ଏଥର ଏହା ସାମାନ୍ୟ ବିଳମ୍ବରେ ଆସିବ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ଚ୍ଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌମୁସୀ ବାୟୁ କେରଳ ଆସିବାରେ



ସାମାନ୍ୟ ବିଳମ୍ବ ହେବ। ଜୁନ ୪ରେ ମୌସୁମୀ କେରଳ ଛୁଇଁବାର ସମ୍ଭାବନା ରହିଛି। ଏହା ୪ ଦିନ ଏପଟ ସେପଟ ମଧ ହୋଇପାରେ।" କେରଳ ଛୁଇଁବାର ୧୦ ଦିନ ପରେ ମୌସୁମୀ ଓଡିଶାକୁ ଆସିଥାଏ ।ଗତବର୍ଷ ମେ' ୨୯ ତାରିଖରେ ମୌସୁମୀ କେରଳ ଛୁଇଁଥିଲା। ୨୦୨୧ରେ ଏହା ଜୁନ ୩ ଓ ୨୦୨୦ରେ ମୌସୁମୀ ଜୁନ ୧ରେ କେରଳରେ ତା'ର ଉପସ୍ଥିତି ଜାହିର କରିଥିଲା। ଗତମାସରେ ଆଇଏମଡି କହିଥିଲା ଯେ ଚ୍ଳିତ ବର୍ଷ ଏଲ ନିନୋର ପ୍ରଭାବ ପଡିପାରେ। ତଥାପି ସମଗ୍ର ଦେଶରେ ସ୍ୱାଭାବିକ ବର୍ଷା ହେବ।

## ଚଢ଼ା ଦରରେ ବିକ୍ରୀ ହେଉଛି ଲାଇସେନ୍ସ ପ୍ରାପ୍ତ ଦୋକାନରେ ବିଦେଶୀ ମଦ

ମାଲକାନଗିରି, ୧୬।୫(ପି.ଏନ): ମାଲକାନଗିରି ଜିଲ୍ଲାର ପଡିଆ, ପୋଟେରୁ, କାଳିମେଳା, ଏମଭି -୭୯, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ବାଲିମେଳା, ମାଥିଲି, ଏମଭି -୭୨ ଓ ମାଲକାନଗିରି ଠାରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦଦୋକାନ ଗୁଡିକରେ ଗ୍ରାହକ ମାନଙ୍କୁ ଚଢ଼ା ଦରରେ ମଦ ବିକ୍ରୀ କରାଯାଇ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଖୋଲା ଖୋଲି ଖାଉଟି ଆଇନର ଉଲଂଘନ ହେଉଥିବା ଅଭିଯୋଗ ହୋଇଛି । ଏଠାରେ ଧାର୍ଯ୍ୟ ଦର ଠାରୁ ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ। ସରକାରଙ୍କ ପ୍ରଣୟନ ଖାଉଟି ଆଇନ ଅନୁଯାୟୀ କୌଣସି ସାମଗ୍ରୀ ସେଥିରେ ଲେଖା ଥିବା ଦର ଠାରୁ ଅଧିକ ଦରରେ ଦୋକାନୀ ବିକ୍ରି କରିପାରିବେ ନାହିଁ । ତେବେ ଏହି ନିୟମକୁ ଫୁ କରି ଉଡାଇ ଦେଉଛନ୍ତି ବିଦେଶୀ ମଦ ଦୋକାନୀ । ଏହି ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଯେଉଁ ମଦର ଧାର୍ଯ୍ୟ ଦର ୧୫୦ ଟଙ୍କା ରହିଛି, ସେଠାରେ ଲୋକଙ୍କ ଠାରୁ ୧୭୦ ଟଙ୍କା ନିଆଯାଉଛି। ଧାର୍ଯ୍ୟ ଦର ଠାରୁ ୨୦ ଏପରିକି ୪୦ ଟଙ୍କା ଅଧିକ ନିଆଯାଉଥିବା ବେଳେ ଏହାକୁ ବିରୋଧ କଲେ ଦୋକାନୀମାନେ ଲୋକଙ୍କୁ କୁଲିଙ୍ଗ ଚାର୍ଜ, ଇଚ୍ଛା ହେଲେ ନିଅ ନ ହେଲେ ନାହିଁ କହୁଥିବା ଦେଖିବାକୁ ମିଳୁଛି । ଏହାସହ ମଦ ଦୋକାନର ମାଲିକ ଅଧିକ ଦର ନେବା ପାଇଁ କହୁଛନ୍ତି ବୋଲି ମଧ ଦୋକାନରେ କାର୍ଯ୍ୟରତ ବ୍ୟକ୍ତି ମାନେ କହିବା ସହ ଦର ଅଧିକ ନ ଦେଲେ ସାମଗ୍ରୀ ଦେଉନଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି । ଲୋକେ ମଦ ଯେତେ ଚଢା ଦର ହେଲେ ମଧ ଅନ୍ୟ କୌଣସି ଉପାୟ ନପାଇ ବାଧ ହୋଇ କିଣୁଛନ୍ତି । ମଦ ଦୋକାନୀଙ୍କ ଏପରି ଆଇନ ଉଲଂଘନ କାର୍ଯ୍ୟ ତାଙ୍କ ପକେଟକୁ ଅଧିକ କଳାଧନ ଯୋଗାଉ ଥିବା ଚର୍ଚ୍ଚା ହେଉଛି। ଏଥିପ୍ରତି କିପରି ସ୍ଥାନୀୟ ଅବକାରୀ ବିଭାଗ ଦୃଷ୍ଟି ଦେଉନି ତାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାହକ ଏ ନେଇ ବିଲ୍ ମାଗିଲେ ଦୋକାନୀ ଦେଉନଥିବା ଏବଂ ଦୋକାନ ସମ୍ମୁଖରେ ମଦ ଦର ଚାର୍ଟ ଲଗାଇବାର ନିୟମ ଥିବା ବେଳେ ତାହା କରୁନଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ



ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।



ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।



ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।



କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।



ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।



କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।



ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।



ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।



ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।



ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।



କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।



ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ମଇ ୧୭**

# ପ୍ରତିଶ୍ରୁତିରୁ ଓହରିଲା ଋଷ : ଭାରତୀୟ ମୁଦ୍ରାରେ ବ୍ୟବସାୟ ପାଇଁ ଅରାଜି



ଗୋପାଳ ମହାପାତ୍ର

ଋଷ ଏବେ ଭାରତକୁ ରପ୍ତାନୀ କରୁଥିବା ତୈଳ ଉତ୍ପାଦ, ଅସ୍ତ୍ରଶସ୍ତ୍ର, କୋଇଲା ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ଭାରତୀୟ ମୁଦ୍ରା (ଟଙ୍କା) ରେ ନେବାପାଇଁ ଅରାଜି ହୋଇଛି । ଅନେକବାର ଆଲୋଚନା ପରେ ଋଷ ଭାରତୀୟ ମୁଦ୍ରା ବିନିମୟରେ ବ୍ୟବସାୟ କରିବ ନାହିଁ ବୋଲି କହିଦେଇଛି । ଋଷର ଏହି ପଦକ୍ଷେପ ପରେ ଭାରତୀୟ ମୁଦ୍ରାକୁ ଆନ୍ତର୍ଜାତୀୟ ମୁଦ୍ରାରେ ପରିଣତ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଯେଉଁ ପ୍ରୟାସ ହୋଇଥିଲା, ତାକୁ ଝଟକା ଲାଗିଛି। ଡଲାର ଉପରୁ ନିର୍ଭରତା କମ୍ କରିବା ଏବଂ ଭାରତୀୟ ମୁଦ୍ରାରେ କାରବାର କରିବା ପାଇଁ ଭାରତ ସରକାର ଉଦ୍ୟମ କରୁଥିଲେ ଓ ୩୫ରୁ ଅଧିକ ଦେଶ ଏଥିପାଇଁ ରାଜି ହୋଇଥିବା କଥା ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ହେଲେ ଭାରତୀୟ ମୁଦ୍ରାରେ ସୀମିତ କାରବାର ହେଉଥିଲା ବୋଲି ଏବେ ଜଣାପଡ଼ିଛି । କେବଳ ଋଷିଆରୁ ଆମଦାନୀ ହେଉଥିବା ତୈଳ ଉତ୍ପାଦ, କୋଇଲା ଏବଂ ଅସ୍ତ୍ରଶସ୍ତ୍ର ପାଇଁ ଭାରତୀୟ ମୁଦ୍ରା ପ୍ରଦାନ କରାଯାଉଥିଲା । ଏବେ ଋଷିଆ ଏଥିପାଇଁ ମନା କରିଦେବା ପରେ ଆନ୍ତର୍ଜାତୀୟ ବଜାରରେ ଭାରତୀୟ ମୁଦ୍ରାର ସ୍ଥିତି ଦୁର୍ବଳ ହେବାର ସମ୍ଭାବନା ରହିଛି । ଏଥିପାଇଁ କ'ଣ ବିକଳ୍ପ ପଦକ୍ଷେପ ନିଆଯିବ ସେ ବାବଦରେ ସରକାର କିମ୍ବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ ଭାବେ କିଛି କୁହାଯାଉନାହିଁ । ସରକାର ଏହାର ବିକଳ୍ପ ଖୋଜୁଥିବେ ନିଶ୍ଚୟ । କିନ୍ତୁ ସରକାରଙ୍କ ପକ୍ଷରୁ କୁହାଯାଉଥିଲା ଯେ, ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି, ଆମ ମୁଦ୍ରା ଅନ୍ୟ ଦେଶର ମୁଦ୍ରା ତୁଳନାରେ ମଜଭୁତ୍ ସ୍ଥିତିରେ ଅଛି ହେଲେ ସରକାରଙ୍କ କଥା ଠିକ୍ ନୁହେଁ ବୋଲି ଏବେ ଆଶଙ୍କା ସୃଷ୍ଟି ହେବାରେ ଲାଗିଛି । ଏଭଳି ପରିସ୍ଥିତିରେ ଦେଶର ଆର୍ଥିକ ସଂସ୍ଥାମାନେ ମଧ୍ୟ ନିରବ ରହୁଛନ୍ତି ।

ଏବେ ଭାରତ ଋଷିଆରୁ ଆମଦାନୀ କରୁଥିବା ସାମଗ୍ରୀ ପାଇଁ ତାକୁ ଭାରତୀୟ ମୁଦ୍ରାରେ ନୁହେଁ ସଂଯୁକ୍ତ ଆରବ ଏମିରେଟସ୍ (ୟୁଏଇ)ର ମୁଦ୍ରା ଦିରହମ୍‌ରେ ପୈଠ କରୁଛି । ଆନ୍ତର୍ଜାତୀୟ ବଜାରରେ ଡଲାର ଓ ଦିରହମ୍‌ର ବିନିମୟ ମୂଲ୍ୟ ପାଖାପାଖି ରହିଛି। ଋଷ ଏବେ ପୁନର୍ବାର ମତ ପରିବ ର୍ନ କରିଛି ଓ ତାକୁ ଦିରହମ୍‌ରେ ପୈଠ ନ କରି ଚୀନ୍ ମୁଦ୍ରା ୟୁଆନ୍‌ରେ ପୈଠ କରିବା ପାଇଁ ଭାରତକୁ କହିଛି । ୟୁଆନ୍ ଭାରତ ପାଇଁ ଅଧିକ ମହଙ୍ଗା ପଡ଼ିବ । କାରଣ ଭାରତୀୟ ମୁଦ୍ରା ସମ୍ପୂର୍ଣ୍ଣ ଭାବେ ପରିବ ର୍ନୀୟ ନୁହେଁ । ୟୁଆନ୍‌ର ବିନିମୟ ମୂଲ୍ୟ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟଠାରୁ ଢେର୍ ଅଧିକ ଓ ଏଥିପାଇଁ ଅଲଗା ଚାର୍ଜ ମଧ୍ୟ ଦେବାକୁ ପଡ଼ିବ। ଏଣୁ ଆଗାମୀ ଦିନରେ ଡଲାରରେ ନେଣଦେଣ ହେବା ସ୍ପଷ୍ଟ ଓ ଏହାର ପ୍ରଭାବ ସାଧାରଣ ଉପଭୋକ୍ତା ବସ୍ତୁ ଉପରେ ପଡ଼ିବ । ଏଥିସହିତ ବିଦେଶୀ ମୁଦ୍ରାଭଣ୍ଡାର କମିବ ଓ ଅନେକ ଆର୍ଥିକ ଅବ୍ୟବସ୍ଥା ଦେଖାଯିବ ।

ୟୁକ୍ରେନ୍ ଯୁଦ୍ଧର ପ୍ରାରମ୍ଭରେ ଋଷ ଭାରତ ସହ ଭାରତୀୟ ମୁଦ୍ରାରେ ବ୍ୟବସାୟ କରିବା ପାଇଁ ରାଜି ହୋଇଥିଲା । ଗତବର୍ଷ ଜୁଲାଇ ମାସରେ ଋଷ ସମେତ ଅନେକ ଦେଶ ସହ ଭାରତୀୟ ମୁଦ୍ରାରେ ବ୍ୟବସାୟ କରାଯିବା ପାଇଁ ପ୍ରସ୍ତାବ ମଧ୍ୟ ଆସିଥିଲା । ଋଷ ଏହାକୁ ସ୍ୱୀକାର କରିଥିଲା । ଋଷର ବ୍ୟାଙ୍କ ମାନଙ୍କୁ ଭାରତରେ ବୋଷ୍ଟ୍ରୋ ଆକାଉ ଖୋଲିବା ପାଇଁ ରିଜର୍ଭ ବ୍ୟାଙ୍କ ମଧ୍ୟ ଅନୁମତି ଦେଇଥିଲା । ସେତେବେଳେ ଋଷ ଆର୍ଥିକ ସଂକଟ ଘେରରେ ଥିଲା । ଆମେରିକା ପକ୍ଷରୁ ଋଷର ବ୍ୟାଙ୍କ ମାନଙ୍କୁ ସ୍ୱିପ୍ଟ ମେସେଜିଙ୍ଗ ସିଷ୍ଟମ୍‌ରୁ ବାହାର କରିଦିଆଯିବା କାରଣରୁ ଡଲାର ସମେତ ଅନେକ ଦେଶର ମୁଦ୍ରାରେ ଋଷିଆର ବ୍ୟବସାୟୀକ ନେଣଦେଣ ବନ୍ଦ ହୋଇଯାଇଥିଲା । ୟୁକ୍ରେନ୍ ସହ ଯୁଦ୍ଧ ଓ ଆମେରିକୀୟ ପ୍ରତିବନ୍ଧ ଯୋଗୁଁ ଦୁର୍ବଳ ଅବସ୍ଥାକୁ ଆସିଯାଇଥିବା ନିଜର ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ପାଇଁ ଆୟର ଆବଶ୍ୟକତା ଦୃଷ୍ଟିରୁ ଶସ୍ତାରେ ତୈଳ ଉତ୍ପାଦ, କୋଇଲା ଆଦି ଦେବାପାଇଁ ଭାରତୀୟ ମୁଦ୍ରା ନେବାକୁ ଋଷ ରାଜି ହୋଇଯାଇଥିଲା । କିନ୍ତୁ ଯେତେବେଳେ ଭାରତ ସହ ଋଷର ବ୍ୟବସାୟ ବଢ଼ିଲା, ସେତେବେଳେ ତା'ର ଟ୍ରେଡ୍ ସରପ୍ଲସ୍ ମଧ୍ୟ ବଢ଼ିବାରେ ଲାଗିଲା । ଋଷ ପାଖରେ ଏବେ ୪୦ ଅରବ ଡଲାରର ଭାରତୀୟ ମୁଦ୍ରା ରହିଛି ଓ ଏହି ଅର୍ଥରେ ଅନ୍ୟ ଦେଶରୁ ସାମଗ୍ରୀ କିଣିବା ଋଷ ପାଇଁ କଷ୍ଟସାଧ ହୋଇପଡ଼ିଛି । ସବୁଠୁ ବଡ଼କଥା ହେଉଛି, ଭାରତୀୟ ମୁଦ୍ରାକୁ କୌଣସି ବିଦେଶୀ ମୁଦ୍ରାରେ ବଦଳାଇବା ମଧ୍ୟ ମହଙ୍ଗା ହୋଇଛି । ଋଷ ଶସ୍ତାରେ ଏବଂ ଭାରତୀୟ ମୁଦ୍ରା ବିନିମୟରେ ଭାରତ ସହ ବ୍ୟବସାୟ କରିବ ବୋଲି କହିଥିଲା ଓ ଭାରତ ମଧ୍ୟ ତୈଳ ଓ କୋଇଲା ଅଧିକ ମାତ୍ରାରେ ଋଷରୁ ଆମଦାନୀ କରିବାରେ ଲାଗିଲା । ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ଭାରତ ଯେତେ ପରିମାଣର ପେଟ୍ରୋଲିୟମ ପଦାର୍ଥ ବିଦେଶରୁ ଆମଦାନୀ କରୁଥିଲା ତା'ର ଏକ ପ୍ରତିଶତ ମାତ୍ର ଋଷରୁ ଆମଦାନୀ କରୁଥିଲା । କିନ୍ତୁ ଏହି ପ୍ରତିଶତ ୩୫କୁ ବୃଦ୍ଧି ପାଇଥିଲା । ଋଷରୁ ଭାରତର ଆମାଦାନୀ ୧୧ ଅରବ ଡଲାରରୁ ବୃଦ୍ଧି ପାଇ ଏବେ ୫୧ ଅରବ ଡଲାରରେ ପହ ୍ଛି । ଭାରତ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ଋଷ ଠାରୁ ଶସ୍ତାରେ ତେଲ କିଣି ଭାରତ ୩୫ ହଜାର କୋଟି ଟଙ୍କା ସଂଚୟ କରିପାରିଛି । ଋଷରୁ ଅଧିକ ତୈଳ ଆମଦାନୀ କାରଣରୁ ଦେଶର ତୈଳ ବିଶୋଧନାଗାରମାନଙ୍କର ଅଧିକ କାର୍ଯ୍ୟଭାର ବଢ଼ିଛି ଏବଂ ଭାରତ ମଧ୍ୟ ବିଶୋଧିତ ତୈଳ ୟୁରୋପୀୟ ବଜାରରେ ବିକ୍ରି କରୁଛି । ଏଥିରୁ ମଧ୍ୟ ଭାରତ ସରକାରଙ୍କର ଲାଭ ହୋଇଛି । ଋଷରୁ କୋଇଲା କିଣି ଭାରତ ଲାଭବାନ ହୋଇଛି । ସରକାର ଏ ଯେଉଁ ଲାଭ ହେଲା ବୋଲି କହୁଛନ୍ତି, ତାହା କ'ଣ ସତ୍ୟ ? ସନ୍ଦେହ ସୃଷ୍ଟି ହେବାର କାରଣ ହେଉଛି, ଋଷରୁ ଆମଦାନୀ କରାଯାଉଥିବା ସାମଗ୍ରୀ ପାଇଁ ଭାରତକୁ ଦିରହମ୍‌ରେ ପୈଠ କରିବାକୁ ପଡୁଛି । ଋଷର କଥା ଅନୁସାରେ ଏବେ ଯଦି ଭାରତ ୟୁଆନ୍‌ରେ ପୈଠ କରିବ, ତେବେ ଲାଭ ହେବ ନା କ୍ଷତି ହେବ ? ଏହା ଭାରତର ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିବ ଓ ବିଦେଶୀ ମୁଦ୍ରା ଭଣ୍ଡାର ମଧ୍ୟ ପ୍ରଭାବିତ ହେବ । ଋଷ ସହ ଭାରତୀୟ ମୁଦ୍ରାରେ ବ୍ୟବସାୟ ପାଇଁ ଯଦି ଭାରତ ଓ ଋଷ ମଧ୍ୟରେ ଚୁକ୍ତି ହୋଇଥିଲା, ତେବେ ଋଷ ଏବେ ଚୁକ୍ତିରୁ ଓହରୁଛି କାହିଁକି ? ସେତେବେଳେ ଋଷର ଅବସ୍ଥା ଦୃଷ୍ଟିରୁ ଭାରତୀୟ ମୁଦ୍ରାରେ ବ୍ୟବସାୟ ପାଇଁ ଋଷ ରାଜି ହୋଇଯାଇଥିଲା । କିନ୍ତୁ ଏବେ ମନା କରିବା ପରେ ଭାରତ ପାଖରେ ଋଷର କଥା ମାନିବା ଛଡ଼ା ଅନ୍ୟ ରାସ୍ତା ନାହିଁ, ଯେଉଁଥିପାଇଁ ଭାରତକୁ ମାତ୍ରାଧିକ କ୍ଷତି ସହିବାକୁ ପଡ଼ିବ । ଏଣୁ ସରକାର ଶସ୍ତାରେ ତେଲ କିଣୁଛନ୍ତି ଯାହା କହୁଥିଲେ, ତାହା ଏବେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବନି ତ ?

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# ଦିଗପାଳଙ୍କର ଗଫଲତିରୁ କଷ୍ଟ ଭୟଙ୍କର



ଉତ୍କଳାନନ୍ଦ ଅଜୟ କୁମାର ବେହେରା

୪ ଦିଗ, ୪ କୋଣ, ଅଧଃ, ଉର୍ଦ୍ଧ, ଏମିତି ଦଶ ଦିଗ। ଏହି ଦଶ ଦିଗକୁ ଅଧିକାରୀରେ ଦେବତା, ଗ୍ରହ, ହସ୍ତୀ, ସିପାହୀକ ରହିଛନ୍ତି। ଇଏ ପ୍ରାଚୀନ ମାଲିକନା ଯେ କୌଣସି ସ୍ଥାନ, ବଡ଼ କ୍ଷେତ୍ର ହେଉ, ଛୋଟ କ୍ଷେତ୍ର ହେଉ, ସବୁ କ୍ଷେତ୍ରରେ ଦିଗପାଳ ଅଧିକାର ଅଛି। ଏମାନେ ନାମରେ ରହିଲେ ବି ଅଦୃଶ୍ୟ। ଦିନେ ମହିଷାସୁରର ଉତ୍ପାତରେ ଦେବଗଣ ନିରୁପାୟ ହୋଇ ବିଷ୍ଣୁଙ୍କ ବୈକୁଣ୍ଠରେ ଉପାୟ ଖୋଜିବା ପାଇଁ ପହଞ୍ଚିଲେ। ବିଷ୍ଣୁ ଦେବତାଙ୍କୁ କହିଥିଲେ ଏଇ ମହିଷାସୁର କିଏ? ଏକ ଧାଡ଼ିରେ ବ୍ୟକ୍ତିର ନାମ, ପିତା, ମାତା, ବାସସ୍ଥାନ, ସାଙ୍ଗସାଥିର ନାମ ଦେବତାମାନେ କହିଲେ ବି ବିଷ୍ଣୁ ପଚାରିଥିଲେ ସେ କେମିତି ଏପରି ବଳବାନ ହୋଇ ଦେବତାଙ୍କୁ କଷ୍ଟର କାରଣ ହେଉଛି। ନିଶ୍ଚେ ଦିଗପାଳମାନେ ହିଁ ତାଙ୍କ କର୍ତ୍ତବ୍ୟରେ ଢ଼ିଲା କରିଛନ୍ତି। ପ୍ରକୃତରେ ତାହା ହିଁ ଥିଲା ମୁଖ୍ୟକାରଣ।

ପୂର୍ବେ ନିରୀକ୍ଷକ ସବୁ ବିଭାଗରେ ଠିକ କାର୍ଯ୍ୟ ଚାଲୁଛି କି ନାହିଁ ତଦାରଖ ମଧ୍ୟରେ ମଧ୍ୟରେ କରୁଥିଲେ। ପୁଣି ତାଙ୍କର ବିଭାଗୀୟ ମୁଖ୍ୟ ଏକଜଣ ତାଙ୍କୁ ପ୍ରତି କ୍ଷେତ୍ରରେ ସ୍ଥାନ ଦୃଷ୍ଟେ ଅନେକ ନୀରିକ୍ଷକ ୧/୧ ବିଭାଗରେ ଜଡ଼ିତ ରହିଥିଲେ। ଏବେ ନାହାଁନ୍ତି ବୋଲି କଥା ନୁହଁ, ଗସ୍ତ ନରକି ଜାଲ କାଗଜରେ ବିଲ କରାଯିବା ଦେଖାଯାଉଛି। ଘଟଣା ଠିକ ଚାଲିଛି ଏମିତି କହିଦେଲେ ଯେ ସତ୍ୟ ଓ ଠିକ ଚାଲିଛି କହିଦେଲେ ଚଳେନାହିଁ। ଆମେ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏପରିକି ଉଚ୍ଚତର ବିଦ୍ୟାୟତନରେ ଯେଉଁ ନୀରିକ୍ଷକ ମୁତୟନ ଥିଲେ ଶିକ୍ଷକ ମାନଙ୍କର ବେପରୁଆ ଭାବକୁ ସେ କୋର୍ସ ଅନୁଯାୟୀ ଓ ସମୟ ଅନୁଯାୟୀ ପାଠ ହେଉଛି କି ତଦାରଖ କରୁଥିଲେ ଫଳରେ ଠିକ ପାଠପଢ଼ା ଚାଲୁଥିଲା। ରେଭନ୍ୟୁ ଇନସପେକ୍ଟର, ପୋଲିସ ଇନସପେକ୍ଟର ଏସବୁ ଏବେ ବି ଅଛି। ରେଭନ୍ୟୁ ବିଭାଗ ଅଧିନରେ ସବୁ ଜମିର ଖଜଣା ଧାର୍ଯ୍ୟ ଓ ତାର ଆଦାୟ ଦାୟିତ୍ୱ ସହିତ ପ୍ରତି ସରକାରୀ ଜମିଜମା ସଂରକ୍ଷଣ ତାଙ୍କର ଦାୟିତ୍ୱ। ଏ ସମୟରେ ସରକାରୀ ଜମିରେ ଲୋକ ଘରଦ୍ୱାରା କରି କିଛି ଦିନ ନିଧଡକ ବସବାସ ପରେ କୌଣସି ନେଣଦେଣ ଅସୁବିଧାରୁ ଓ ଉପରୱାଲାଙ୍କର ନେତ୍ରଦୃଷ୍ଟି ଯାଗୁଁ ସେ ଘର ଭଙ୍ଗା ଯାଉଛି। ଲୋକେ କାମ ଆରମ୍ଭ ବେଳେ ଏଇ ରେଭନ୍ୟୁ ଇନସପେକ୍ଟର କେମିତି ରୋକ ଲଗାଉ ନାହାଁନ୍ତି। ପୋଲିସ ପଦ ଏମିତି ବହୁଦିନ ଏକ ସ୍ଥାନରେ ରହିଲେ ସ୍ଥାନୀୟ ଲୋକଙ୍କ ସହିତ ଅତି ପରିଚିତ ହୋଇଯାଏ। ଯହିଁରେ ପୋଲିସ ବିରୁଦ୍ଧଚାରୀ କାର୍ଯ୍ୟ ଗୁଡ଼ିକ ଅପରାଧିମାନେ କୃତ୍ରିମବନ୍ଧୁ ଅଫିସର ଇନଚାର୍ଜଙ୍କୁ ବଶୀଭୂତ କରିଥାନ୍ତି ଫଳରେ କିଛି ବଡ଼ ଧରଣର ଜନତାର ଦୁଃଖ ସୃଷ୍ଟି ହୋଇଯିବା ପରେ ଜଣାପଡ଼େ। ଇଏ ଏକ ଦିଗ। ବିଦ୍ୟୁତ ବିଲ ଲୋକେ ଦେଇ ଦେଇ ଥକତ୍ ମାତ୍ର କେତେ ଜଣ ହୁକ ପକାଇ ବିଦ୍ୟୁତ ବ୍ୟବହାର କରନ୍ତି। ମିଟର ଗୁଡ଼ିକ ଅକାମୀ କରି ବିଲ କମ ଧାର୍ଯ୍ୟ କରାଇ ବିଦ୍ୟୁତ ବ୍ୟବହାର କରୁଛନ୍ତି। ଏବେ ଖୋଲା ତାରରେ ବିଦ୍ୟୁତ୍ ସରବରାହ ନାହିଁ ମାତ୍ର ଯେଉଁଠି ଖୁଣ୍ଟ ପାଖରୁ କାହା ଘରକୁ କେବୁଲ ତଞ୍ଜା ହୋଇ ଲାଇନ ଦିଆଯାଇଛି। ସେହି ସ୍ଥାନରେ ହୁକ ପକାଇ ଲୋକେ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି ଏଇ ବି ଏକ ଦିଗ।

ଫୁଡ଼ ଇନସପେକ୍ଟର ଅଛନ୍ତି। ଖାଦ୍ୟ ପଦାର୍ଥ ବାସି କି ସଦ୍ୟ ଯାହା ଦେହ ଭୋଜନରେ ଜଟିଳ ରୋଗ ଫୁଡ ପଏଜନ ହୋଇପାରେ ଏପରି ଧନ୍ଦାର ତଦାରଖ କରନ୍ତି। କିନ୍ତୁ ଟଙ୍କା କୌଡି ସୱାଲ ଦୁଃଖ ଏବେ କରାଉଛି। ଭୋଜ୍ୟ ତେଲ ସବୁ ଜାଲିଆତି, ଆଗମାର୍କ ଲଗା ଗଲେ ବି ତାହା ବିଶୁଦ୍ଧ ନୁହେଁ। ଦୁଗ୍ଧ କମ୍ପାନୀମାନେ ମିଶ୍ରଣ ଦୁଗ୍ଧ ବିକ୍ରୟ କରୁଛନ୍ତି। କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାରୀ ଧନ୍ଦା ଚାଲିଛି। ମେଣ୍ଢା ମାଂସକୁ ଛାଗ ମାଂସ ରେ ବିକ୍ରୟ ହେଉଛି, ଖାସି ମାଂସ ସ୍ଥାନରେ ପେଣ୍ଠି ମାଇଛେଳି ମାଂସ ବିକ୍ରୟ ହେଉଛି। ମାଛ ଅନ୍ୟ ସ୍ଥାନରୁ ବରଫରେ ପ୍ୟାକରେ ଆସିଲେ ବି ତାକୁ ସଦ୍ୟ ରଖିବା ପାଇଁ ମାଛକୁ ଫରମାଲଡି ହାଇଡି କେମିକଲ ଡୁବାଇ ଚାଲଣ କରାଯାଉଛି। ଏକଥା ଫୁଡ଼ ଇନସପେକ୍ଟର ବୁଝିବାରେ ହେଳା କରୁଛନ୍ତି ଫଳରେ ଜନସ୍ୱାସ୍ଥ୍ୟ ଦୁର୍ବଳ ହେଉଛି ଏଇ ବି ଏକ ଦିଗ। ଜଙ୍ଗଲ ବିଭାଗ ଗଛକୁ ରକ୍ଷା କରିବା ଦାୟିତ୍ୱ ମାତ୍ର ଏ ସମୟରେ ଜଙ୍ଗଲରେ ସବୁ ବୃକ୍ଷ ଶୂନ୍ୟ କେମିତି ହେଉଛି ? ଏଇ ବି ଏକ ଦିଗ। ହାତୀ ମୃତ୍ୟୁ, ବାଘ ମୃତ୍ୟୁ, ବଜ୍ରକାପ୍ତା, କୋଚିଲା ଖାଇ କେମିତି ବଢ଼ି ବଢ଼ି ଚାଲିଛି। ଏଇ ବି ଏକ ଦିଗ। ଏମିତି ଏକ ଏକ ଦିଗ ଭିଜିଲାନ୍ସ, ଆୟକର, ବାଣିଜ୍ୟକର, ପଥକର, ଜଳକର ପରି ବିଭାଗର ତଦାରଖ ନୀରିକ୍ଷକ ଅଛନ୍ତି। ନୂଆ ନୂଆ ବାବଜୀ ହେବାକୁ ଚେଷ୍ଟିତ ଯୁବକ ତାଙ୍କର ଧଳା ବସ୍ତ୍ରକୁ ସ୍ନାନପରେ ସାର୍ବଜନୀନ ଦୃଶ୍ୟପଟ ସ୍ଥାନରେ ଶୁଖାନ୍ତି। ଯଦି ଲୁଗାରେ ଚିତ୍ରର ଦାଗ ରହିବା ଦେଖାଯାଏ ତେବେ ସେ ଭବିଷ୍ୟତକୁ ସନ୍ନ୍ୟାସୀ ହେବା ମୁଷ୍କିଲ ବର୍ଷୟାନ ଅନୁଭବୀମାନେ କଷ ଦେଖି ତାଙ୍କୁ ସାବଧାନ କରି ସୁଧାରରେ ଚେଷ୍ଟା କରନ୍ତି। ସୁଧାର ଦେଲେ ରଙ୍ଗୀନ କସାବସ୍ତ୍ର ପିନ୍ଧିବାକୁ ପଡ଼େ ଦୀକ୍ଷା ପରେ ଦିଆଯାଏ। ସରକାର ଚାଲିବ ଏହି ନୀରିକ୍ଷକମାନେ ସଜାଗ ରହିଲେ ନହେଲେ ସରକାରଙ୍କ ପ୍ରାପ୍ୟ ବାଟମାରଣା ହୋଇଯିବ। ଧରା ଧରି ହାତଗୁଞ୍ଜା ଦେଇ କାର୍ଯ୍ୟ ହାସଲ ଦିଗ ବଢ଼ି ଚାଲିଲେ ବୁଝାଯିବ ଦିଗପାଳ ମାନଙ୍କର କର୍ତ୍ତବ୍ୟ ଅବହେଳା। ପରେ ଭୀଷଣ ଅପରାଧି ସୃଷ୍ଟି। ଏମିତି ଅପରାଧି ମହିଷା ଥିଲା ତାଙ୍କ ଶେଷ କରିବାକୁ ୧୦ଭୂଜା ଦୁର୍ଗା ଜନ୍ମ ହୋଇଥିଲେ। ଯହିଁରେ ଦିଗପାଳଙ୍କୁ ପୁନଃ ସଂସ୍ଥାନ କରାଯାଇଥିଲା। ଏଇ ଦିଗପାଳଙ୍କର ଆୟୁଧରେ ଦେବୀ ଭୂଷିତ ଥିଲେ। ସବୁ ବିଭାଗ ଠିକ ସଠିକ ଚାଲିଲେ କେବେ କଷ୍ଟ କାହାକୁ ଆସିବନାହିଁ। ମାତ୍ର କର୍ତ୍ତବ୍ୟ ଅବହେଳା ରାକ୍ଷସ ଅପରାଧି ସୃଷ୍ଟି କରୁଛି।

*ନ୍ତବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# କର୍ଣ୍ଣାଟକ ସନ୍ଦେଶ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମସ୍ତ କଳ୍ପନା-ଜଳ୍ପନାର ଅବସାନ ଘଟାଇ ଶେଷରେ କର୍ଣ୍ଣାଟକରେ କଂଗ୍ରେସର ଅଦ୍‌ଭୂତପୂର୍ବକ ବିଜୟ କେବଳ ଦଳ ପାଇଁ ସଂଜୀବନୀ ସଦୃଶ ହୋଇନାହିଁ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ନୂତନ ଆଶା, ଉତ୍ସାହ ଓ ଉନ୍ମାଦନା ସଂଚାର କରିଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, କର୍ଣ୍ଣାଟକରେ ବିଜୟ ଦଳର ପରାଜୟ ଧାରାରେ ରୋକ ଲଗାଇଛି । ୨୦୧୮ପରେ କେବଳ ହିମାଚଳ ପ୍ରଦେଶ ବ୍ୟତୀତ ଅନ୍ୟ ନିର୍ବାଚନରେ କଂଗ୍ରେସ କେବଳ ପରାଜିତ ହୋଇନାହିଁ। ଶୋଚନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ କର୍ଣ୍ଣାଟକରେ କଂଗ୍ରେସର ସ୍କୋରବୋର୍ଡ କେବଳ କଂଗ୍ରେସ ନୁହେଁ ଅଣ-ବିଜେପି ବିରୋଧି ଦଳ ଗୁଡିକ ନୂତନ ଉତ୍ସାହ ସୃଷ୍ଟି କରିଛି ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଏହା ସତ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଥମ ସେମିଫାଇନାଲ ଭାବେ ବିବେଚନା କରାଯାଉଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ବହୁ ସଂକେତ ପ୍ରଦାନ କରୁଥିବା କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଦେଶର ରାଜନୀତିରେ ନିଜକୁ ଅପ୍ରତିଦ୍ୱନ୍ଦୀ ଭାବୁଥିବା ବିଜେପି ପାଇଁ କର୍ଣ୍ଣାଟକ ଫଳାଫଳ କେବଳ ଦଳ ପାଇଁ ଶକ୍ତ ଧକ୍କା ପହଚାଇ ନାହିଁ, ଦକ୍ଷିଣ ଭାରତରେ ଏକମାତ୍ର ରାଜ୍ୟରେ ଦଳ କ୍ଷମତାଚ୍ୟୁତ ହୋଇଥିବାବେଳେ ତେଲେଙ୍ଗାନା, କେରଳ ଦଖଲ ଅଭିଯାନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ୧୭ଟି ନିର୍ବାଚନୀ ସଭାରେ ଏବଂ ଦୀର୍ଘ ୩୬କିମି ବ୍ୟାପୀ ରୋଡ ସୋ ମାଧ୍ୟମରେ ଭୋଟ ଭିକ୍ଷା କରିଥିଲେ ମଧ୍ୟ ଭୋଟ ଦାତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। କେବଳ ଏତିକି ନୁହେଁ, ଦକ୍ଷିଣ ଭାରତରେ ଦଳର ସାଂପ୍ରଦାୟିକ ଧ୍ରୁବୀକରଣ ରାଜନୀତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେହିପରି ଜାତିବାଦ ରାଜନୀତିକୁ ଅତୀତରେ କଟୁ ତାସ୍ଲ୍ୟ ବିଜେପି କରିଥିବା ବେଳେ କର୍ଣ୍ଣାଟକରେ ପ୍ରଭାବଶାଳୀ ଲିଙ୍ଗାୟତ ସଂପ୍ରଦାୟ ଉପରେ ଦଳ କରିଥିବା ଭରସା ତୁଟିଯାଇଛି। ଲିଙ୍ଗାୟତ ସଂପ୍ରଦାୟ ଦଳଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଥିବା ଫଳାଫଳ ସଂକେତ ପ୍ରଦାନ କରିଛି। ସଂଖ୍ୟାଲଘୁ ସମ୍ପୂର୍ଣ୍ଣ ଦୂରେଇ ଯାଇଥିବା ଫଳାଫଳ ସଂକତ ପ୍ରଦାନ କରିଛି। ସଂଖ୍ୟାଲଘୁ ସଂପ୍ରଦାୟର ୪ପ୍ରତିଶତ କୋଟା, ହ୍ରାସ ପରି ଲିଙ୍ଗାୟତ ଓ ଅନ୍ୟକେତେକ ସଂପ୍ରଦାୟର ସଂରକ୍ଷଣ କୋଟା ବୃଦ୍ଧି ଦଳ ପାଇଁ ଆଶୀର୍ବାଦ ହୋଇନାହିଁ ବରଂ ଅଭିଶାପ ପାଲଟିଛି। ଅନ୍ୟପକ୍ଷରେ ସାଂପ୍ରଦାୟିକ ରାଜନୀତି ତଥା ସଂଖ୍ୟାଲଘୁଙ୍କ ସଂରକ୍ଷଣ ହ୍ରାସ, ହିଜାବ ବିବାଦ ଏବଂ ବଜରଙ୍ଗଙ୍କୁ ନେଇ ହିନ୍ଦୁତ୍ୱ ଆଭିମୁଖ୍ୟ ବିଜେପି ପାଇଁ ମାହାଙ୍ଗା ସାବ୍ୟସ୍ତ ହୋଇଛି। ଅନ୍ୟପକ୍ଷରେ ୨୦୧୪ ସାଧାରଣ ନିର୍ବାଚନରେ ଦୁର୍ନୀତି ଓ ଦରଦାମ ବୃଦ୍ଧିକୁ ନେଇ ବିଜେପି କେନ୍ଦ୍ରରେ କ୍ଷମତା ଦଖଲ କରିବାକୁ ସକ୍ଷମ ହୋଇଥିବାବେଳେ ଏହାର ୯ବର୍ଷ ପରେ ଦଳ ସେହି ଏକ ପ୍ରସଙ୍ଗରେ ଧୁଳି ଚାଟିଛି। କର୍ଣ୍ଣାଟକରେ ବାସବରାଜ ସରକାରଙ୍କ ଦୁର୍ନୀତି ଏବଂ ଦରଦାମ ବୃଦ୍ଧି ବିଶେଷ କରି ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ମତଦାତା ମତ ଦେଇଛନ୍ତି। ବୋମାଇ ସରକାରଙ୍କ ଅମଳରେ ୪୦ ପ୍ରତିଶତ କମିଶନ ପ୍ରଦାନ ଏବଂ ଜଣେ ଠିକଦାର ୪୦ ପ୍ରତିଶତ କମିଶନ ଦେଇ ନପାରି ଆତ୍ମହତ୍ୟା କରିବା ଘଟଣାକୁ କଂଗ୍ରେସ ଏପରି ଉପସ୍ଥାପିତ କରିଥିଲାଯେ, ୨୦୧୪ର ପ୍ରତିଶୋଧ କଂଗ୍ରେସ ନେଇଥିବା କୁହାଯାଇପାରେ। ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କର୍ଣ୍ଣାଟକରେ ଭାଷଣ ପାଇଁ ଗୁଜରାଟରେ ଦଣ୍ଡିତ କରିବା, ଦୁଇ ବର୍ଷ ଦେଶ ଦଣ୍ଡାଦେଶ ସହ ଲୋକସଭା ସଭ୍ୟପଦ ରଦ୍ଦ କରିବାକୁ ଜନସାଧାରଣ ଗ୍ରହଣ କରିପାରିନଥିବା ମନେହୁଏ । ନିର୍ବାଚନ ଫଳାଫଳ ହିଁ ଏହି ସଂକେତ ପ୍ରଦାନ କରିଛି। ରାହୁଲ ତାଙ୍କ ଭାରତ ଯୋଡୋ ଯାତ୍ରାରେ କର୍ଣ୍ଣାଟକର ୭ଟି ଜିଲ୍ଲାର ୫୧ଟି ନିର୍ବାଚନ ମଣ୍ଡଳୀରେ ପଦଯାତ୍ରା କରିଥିବାବେଳେ ୩୬ଟି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଜୟୀ ହୋଇଛି। ଏଥିରେ ରାହୁଲଙ୍କ ପଦଯାତ୍ରାର ପ୍ରଭାବକୁ ଅସ୍ୱୀକାର କରାଯାଇନପାରେ। ଅନ୍ୟପକ୍ଷରେ କଂଗ୍ରେସର ନିର୍ବାଚନ ପ୍ରତିଶ୍ରୁତିରେ ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇନପାରେ। ଦରଦାମ ହ୍ରାସ, ମହିଳାଙ୍କୁ ଭତ୍ତା, ବେକାରଙ୍କୁ ନିଯୁକ୍ତି ଆଦି ପ୍ରତିଶ୍ରୁତିକୁ ଭୋଟ ଗ୍ରହଣ କରିନେଇଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଦରଦାମ ବୃଦ୍ଧି, ବେକାରୀ ଓ ସାଂପ୍ରଦାୟିକ ରାଜନୀତି ଯେ କଂଗ୍ରେସର ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ହେବ ଏହା ସ୍ପଷ୍ଟ ହୋଇପଡୁଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗ ହେଉଛି ରାହୁଲଙ୍କୁ ଜଣେ ନେତା ଭାବେ ଭୋଟ ଦାତା ମାନ୍ୟତା ପ୍ରଦାନ କରିଛନ୍ତି। ଯେଉଁ ଦଳଗୁଡିକ କଂଗ୍ରେସ ସହ ମେଂଟ କରିବାକୁ ନାକ ଟେକୁଥିଲେ ଏବେ କର୍ଣ୍ଣାଟକ ନିର୍ବାଚନ ପରେ ସେହି ଦଳଗୁଡିକ ମେଂଟ କରିବା ପାଇଁ ଆଗ୍ରହୀ ହେବା ସନ୍ଦେଶ ନିର୍ବାଚନ ଫଳାଫଳ ପ୍ରଦାନ କରିଛି। ବିଜେପିର ଅହଂକାର ରାଜନୀତିର ମୁକାବିଲା ପାଇଁ ବିରୋଧି ଦଳ ମେଂଟ ପାଇଁ ପ୍ରୟାସ ଜାରି ରଖିଥିବାବେଳେ ଅଗାମୀ ସାଧାରଣ ନିର୍ବାଚନରେ ଏକ ଶକ୍ତିଶାଳୀ ଅଣ ବିଜେପି ମେଂଟ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏହା ନିଶ୍ଚିତ ଯେ, ଉଭୟ ବିଜେପି ଓ କଂଗ୍ରେସ ପାଇଁ ଏବେ ଆତ୍ମ ସମୀକ୍ଷାର ବେଳ ଉପନୀତ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ଶରୋଡ ନଂ-୩, ଶିଶୁପାଳଗଡ,-*
*୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଉତ୍ତମ ବଚନ



ନିରୁପମା ଭୂୟାଁ

ବଚନ ଜଣେ ବ୍ୟକ୍ତିର ସ୍ୱଭାବର ପରିଚାୟକ । ଉତ୍ତମ ବଚନ ଭଲ ବ୍ୟକ୍ତିତ୍ୱର ପରିଚୟ । ବିଶ୍ୱାସ କରାଯାଏ ଯେ ଉତ୍ତମ ଚିନ୍ତାଧାରା ରଖୁଥିବା ବ୍ୟକ୍ତିର କଣ୍ଠରେ ମା' ସରସ୍ୱତୀ ବିଜେ କରନ୍ତି । ଉତ୍ତମ ବଚନ ସବୁବେଳେ ଖୁସିର ଲହରି ଖେଳାଇଦିଏ । ଅନ୍ୟପକ୍ଷରେ କଟୁ ବଚନ ସବୁବେଳେ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରିଥାଏ । ବୌଦ୍ଧ ଧର୍ମ, ଜୈନ ଧର୍ମ ଇତ୍ୟାଦି ମଧ୍ୟ ସମ୍ୟକ୍ ବଚନ ଉପରେ ଗୁରୁତ୍ୱ ଦିଆଯାଇଛି । ଅର୍ଥାତ୍ ଯେତିକି ଆବଶ୍ୟକ ସବୁବେଳେ ସେତିକି କହିବା ଉଚିତ । ଅଯଥା କଥା କହିବା ଉଚିତ ନୁହେଁ । ତେଣୁ କଥା କହିବା ସମୟରେ ସବୁବେଳେ ସଂଯମ ରକ୍ଷା କରିବା ଉଚିତ । ବାକ୍ୟ ସଂଯମତା ହିଁ ବ୍ୟକ୍ତିର ଜୀବନକୁ ପରୋକ୍ଷରେ ନିୟନ୍ତ୍ରଣ କରିଥାଏ । ବୈଦିକ ଯୁଗରେ ମୁନିଋଷିମାନେ ବଚନ ବା ବାଣୀକୁ ଚାରିଭାଗରେ ବିଭକ୍ତ କରିଛନ୍ତି । ଯଥା ବୈଖାରି ବାଣୀ, ମଧ୍ୟମା ବାଣୀ, ପଶ୍ୟନ୍ତି ବାଣୀ ଓ ପାରାବାଣୀ । ଏସବୁ ମନୁଷ୍ୟର କଣ୍ଠ, ଉର୍ଦ୍ଧ୍ୱପ୍ରଦେଶ, ହୃଦୟ ଓ ନାଭିରୁ ନିସୃତ ହୋଇଥାଏ ।ବୈଖାରି ବାଣୀ : ପ୍ରତିଦିନ କହୁଥିବା କଥା ହେଉଛି ବୈଖାରି ବାଣୀ । ଏଥିପାଇଁ କିଛି ଚିନ୍ତା କରିବାକୁ ହୋଇନଥାଏ । ଏହା ସ୍ୱତଃପ୍ରବୃତ୍ତ ଅଟେ ।

ମଧ୍ୟମା ବାଣୀ : ସେହିପରି ଅଳ୍ପ କିଛି ଚିନ୍ତାକରି କୁହାଯାଉଥିବା ବଚନକୁ ମଧ୍ୟମା ବାଣୀ କୁହାଯାଏ । କୌଣସି ପ୍ରଶ୍ନର ଉତ୍ତର ଓ କୌଣସି ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ କୁହାଯାଉଥିବା ବଚନକୁ ମଧ୍ୟମା ବାଣୀ କୁହାଯାଏ ।

ପଶ୍ୟନ୍ତି ବାଣୀ : ହୃଦୟରୁ କୁହାଯାଉଥିବା ବଚନକୁ ପଶ୍ୟନ୍ତି ବାଣୀ କୁହାଯାଏ । ଏହି ବାଣୀ ଅତ୍ୟନ୍ତ ନିର୍ମଳ ଓ ରହସ୍ୟମୟ ହୋଇଥାଏ । ସାଧୁ ଓ ମୁନିଋଷିମାନଙ୍କ ଠାରୁ ଏହିପରି ବାଣୀ ଶୁଣିବାକୁ ମିଳେ ।

ପାରା ବାଣୀ : ପାରାବାଣୀ ହେଉଛି ଦିବ୍ୟ ବାଣୀ । ନିର୍ବିକାର ଚିତ୍ତରେ କୁହାଯାଉଥିବା ବାଣୀ ହେଉଛି ପାରା ବାଣୀ । ଭାବନରହିତ ମନ ମଧ୍ୟରେ ଦିବ୍ୟ ଚେତନାର ଉଦୟ ହେଉଛି ପାରାବାଣୀ । ଗୀତାରେ ଅର୍ଜ୍ଜୁନଙ୍କୁ ଦିଆଯାଇଥିବା ଦିବ୍ୟ ଜ୍ଞାନ ହେଉଛି ପାରାବାଣୀର ଶ୍ରେଷ୍ଠ ଉଦାହରଣ ।

କୁହାଯାଏ ଯେ ତର୍କବିତର୍କ କୌଣସି ସମସ୍ୟାର ସମାଧାନ ନୁହେଁ । ସବୁବେଳେ ଉତ୍ତମ ଚିନ୍ତା କରି ସମସ୍ତଙ୍କ ହିତ ସାଧନ କରୁଥିବା ବାକ୍ୟ କହିବା ଉଚିତ ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ*
*ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,*
*ପଲାଇ ବାଳିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

# ଔଷଧ କାରଖାନା : ଘିକୁଆଁରୀ

ଗିରିଧାରୀ ସାମଲ

ପ୍ରାଚୀନ କାଳରୁ ଘିକୁଆଁରୀର ଔଷଧୀୟଗୁଣ ସମସ୍ତଙ୍କୁ ଜଣା । ଖରାରେ ମୁଣ୍ଡ ବୁଲାଇଲେ ଏହାକୁ ମୁଣ୍ଡରେ ଘସିଦେଲେ ଆରାମ ମିଳିଥାଏ ଏହା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଏପିଥେଲିଅମ ଟିସୁକୁ ଠିକ୍ କରିଥାଏ । କ୍ଷତିକାରକ ଫ୍ରି ରେଡ଼ିକାଲମ୍‌କୁ କଷ୍ଟ କରୁଥିବା ଘିକୁଆଁରୀ ଏକ ଉତ୍ତମ ଆଣ୍ଟି ଅକ୍ସିଡା ମଧ୍ୟ । ଏଥିରେ ବିଭିନ୍ନ ରୋଗର ଔଷଧୀୟ ଗୁଣ ଭରପୁର ରହିଛି । ବିଶେଷକରି ଚକ୍ଷୁ, ଚର୍ମ, ଯକୃତ, ବୃକକ୍, ଅଗ୍ନାଶୟ, ଠାଲ୍ କ୍ଲାଡ଼ର ରୋଗରେ ଏହା ବେଶ୍ ଉପଯୋଗୀ । ଏଥିରେ ଭିଟାମିନ୍ ଏ, ବି, ସି, ଡ଼ି ଓ ଇ ବ୍ୟତୀତ ବେଟା କେରୋଟିକ୍, ୨୦ ପ୍ରକାର ଏମିନୋ ଏସିଡ଼, ଏନ୍‌ଜାଇମ୍, ଲିରାନିନ୍, ସାଲିସାଇଲିକ୍ ଏସିଡ଼ି ଓ ସାପୋନୀନ୍ ଆଦି ଔଷଧୀୟ ଗୁଣ ରହିଛି । ଘିକୁଆଁରୀ ସେବନରେ ମସ୍ତିଷ୍କରେ ଅମ୍ଳଯାନ ପରିମାଣ ବୃଦ୍ଧି ପାଇବା ସହ ରକ୍ତ ସଂଚାଳନ ସୂଚାରୁରୂପେ ହୋଇଥାଏ । ଘିକୁଆଁରୀରେ ଥିବା ମ୍ୟାଗ୍ନେସିୟମ, କ୍ୟାଲସିୟମ ଓ ପୋଟାସିୟମ ଆଦି ଧାତୁ ହାର୍ଟକୁ ମଜବୁତ ତଥା ସୁରକ୍ଷିତ ରଖେ । ଘିକୁଆଁରୀ ଡାୟଲିସିସ୍ ରୋଗୀଙ୍କ ପାଇଁ ଅତ୍ୟନ୍ତ ଗୁଣକାରକ । ଏଥିରେ ଥିବା ବୋରୋନ, ପ୍ରୋଲିନ୍, ସିଷ୍ଟିନ୍, ଫିନାଇଲାନିନ୍ ଓ ଭାଲିନ୍ ପୀଡ଼ା ନିବାରକ । ତେଣୁ ଘିକୁଆଁରୀ ସେବନରେ ଜଏଣ୍ଟ ପେନ୍ ଓ ଫୁଲା କମିଯାଇଥାଏ । ଏହା ବ୍ୟତୀତ ମଧୁମେହ, ମେଦବୃଦ୍ଧି, ଚର୍ମରୋଗ, ସ୍ତ୍ରୀରୋଗ, ବୃକକ୍ ସମ୍ବନ୍ଧୀୟ ତଥା ବହୁରୋଗରେ ଏହାର ଔଷଧୀୟ ଗୁଣ କାମରେ ଆସିଥାଏ । ଏହା ହରମୋନ ସ୍ତରରେ ସମନ୍ୱୟ ରକ୍ଷା କରେିବା ସହ ଆମର କୋଲେଷ୍ଟ୍ରାଲ ଓ ଚର୍ବି ହ୍ରାସ କରିଥାଏ । ମୋଟାମୋଟି ଭାବେ କହିବାକୁ ଗଲେ ଘିକୁଆଁରୀ ହେଉଛି ଆମ ପାଇଁ ଏକ ଔଷଧୀୟ କାରଖାନା ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,*
*ତୁଳସୀପୁର, କଟକ, ଦୂରଭାଷ :*
*୯୪୩୭୪୫୦୧୧୪*

# ଦେବାର ଆନନ୍ଦ ପାଇବାରେ ନ ଥାଏ



ଅନସୂୟା ମହାପାତ୍ର

ଏ ଜଗତରେ ଦେବା ଓ ନେବା ର ପରମ୍ପରା ଅତି ପ୍ରାଚ଼ୀନ। ଯଦିଓ ଏ ସଂସାରରେ ଦେବାକୁ କି ମରିବାକୁ କେହି ଭଲ ପାଇନଥାଏ , ବୋଲି ଲୋକକଥା ରହିଛି। କିନ୍ତ ପୁରାଣ ରୁ ଇତିହାସ ପୃଷ୍ଠା ଯାଏ ଅବଲୋକନ କଲେ ଏହି ଦାନ ବା ଦେବାର ପ୍ରବୃତ୍ତିକୁ ନିଜ ଜୀବନରେ ବ୍ରତ ଗ୍ରହଣ କରିଥିବା ଅସଂଖ୍ୟ ଉଦାହରଣ ଆମସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି। ଦାନୀ ହରିଶ୍ଚନ୍ଦ୍ର, ରାଜା ଶିବି, ଋଷି ଦଧିଚ଼ି, ଦାନବୀର କର୍ଣ୍ଣ, ରାଜା ବଳି ପ୍ରଭୃତି ଙ୍କ କାହାଣୀ ଆମକୁ ଆଶ୍ଚର୍ଯ୍ୟ କରେ। ସେହିପରି ଆଧୁନିକ ଯୁଗରେମଧ ଏତାଦୃଶ ଦେବାଗୁଣ ଯୋଗୁଁ ପରିଚ଼ିତ ବ୍ୟକ୍ତି ଙ୍କ ଅନେକ ଉଦାହରଣ ରହିଛି। ସବୁବେଳେ ଦାନ ବା ଦେବା ପାଇଁ ଧନ ରତ୍ନ ଆଦି ଅର୍ଥ ନୁହେଁ ବରଂ ଅନ୍ୟ ପାଇଁ ମାନସିକ ସମର୍ଥନ, ମୂଲ୍ୟବାନ ସମୟ ମଧ୍ୟ ପ୍ରଦାନ କରାଯାଇପାରେ। ଓଡ଼ିଶାର ଗୋପବନ୍ଧୁ ଦୁଃଖ ଅସହାୟ ବନ୍ୟାପ୍ରପିଡିତ ଲୋକଙ୍କୁ ସଠିକ୍ ସମୟରେ ଉପସ୍ଥିତ ହୋଇ ସେବା ଦେଇ ଆଜି ଉତ୍କଳର ମଉଡମଣି ହୋଇଛନ୍ତି। ଆମର ଏହି ବିଶାଳ ପୃଥିବୀ ଓ ସୃଷ୍ଟିପ୍ରକ୍ରିୟା କୁ ନିବିଡ଼ ଭାବରେ ନିରୀକ୍ଷଣ କଲେ ଦେବାର ମହାନ୍ ଶିକ୍ଷା ପାଇଁ ଏହି ପ୍ରକୃତି ହିଁ ଆମକୁ ଶିଖାଇଥାଏ। ସୂର୍ଯ୍ୟ,ନଦୀ, ଝରଣା, ବୃକ୍ଷ, ଗୋମାତା ଆଦି ଆମକୁ ଅନ୍ୟକୁ ଆନନ୍ଦରେ ସଙ୍କ ?ଚ଼ ନ କରି ନିଃଶେଷରେ ଦେଇଦେବାର ମହତ୍ତ୍ୱ ଶିଖାଇଥାନ୍ତି ।ପ୍ରତିବର୍ଷ ମେ ' ମାସର ସତର ତାରିଖକୁ ବିଶ୍ୱସ୍ତରରେ 'ଆର୍ଟ ଅଫ ଗିଭିଂ ଡେ ' ଭାବେ ବିଗତ ୨୦୧୩ ମସିହାରୁ ପାଳନ କରାଯାଉଛି। ଏହାର ପ୍ରତିଷ୍ଠାତା ଭାବେ ଓଡ଼ିଶାର ଅଚ୍ୟୁତ ସାମନ୍ତ ସମସ୍ତଙ୍କର ପରିଚ଼ିତ। ପ୍ରତିବର୍ଷ ପରି ଏବର୍ଷ ୨୦୨୩ର ବାର୍ତ୍ତା ରହିଛି, 'ହେଲ୍ପିଂ ଦ ହେଲ୍ପ। ଏହି ଆର୍ଟ ଅଫ ଗିଭିଙ୍ଗ ର କଳେବର ବୃଦ୍ଧିପାଇଛି। ଏହାର ଅନୁସରଣ କରୁଥିବା ଦୁଇକୋଟି ବ୍ୟକ୍ତି ଓ ପନ୍ଦର ଲକ୍ଷ ସଦସ୍ୟ ଙ୍କ ଉପସ୍ଥିତି ଦେବାର ଆବଶ୍ୟକତା ଓ ଆଦରକୁ ସୂଚ଼ାଇଥାଏ। ପ୍ରକୃତରେ ଏହି ସୃଷ୍ଟି ରେ ବାସକରୁଥିବା ପ୍ରତିଟି ଜୀବର ଅନେକ ଆବଶ୍ୟକତା ରହିଛି ଏବଂ ସେ ସବୁ ନିଜେ ପୂରଣ କରିପାରିବ ନାହିଁ। ତେଣୁ ଆମର ଦେବା ମନୋବୃତ୍ତିକୁ ଆମର ନୈନ୍ଦିନ ଜୀବନରେ ସ୍ଥାନ ଦେବା ଆବଶ୍ୟକ। କୁହାଯାଏ, ପୃଥିବୀରୂପକ ଆମରଏହି ବାସ ସ୍ଥାନରେ ଆମେ ଅନ୍ୟର କାମରେ ଲାଗିଲେ ହୁଏତଃ ବିନିମୟରେଆମେ ଆମର ଘର ଭଡ଼ା ଦେବକାର୍ଯ୍ୟକରି ଶୁଝିବା ସହଜ ହେବ। ସବୁବେଳେ ଆମର ଏହି ଦେବା ପଛରେ କୌଣସି ଉଦ୍‌ୟେଶ ପୂରଣକରିବାର ଇଚ୍ଛା ନ ରହୁ। ହୁଏତଃ ଦାନ ଦେଇ ପୁଣ୍ୟ ଅର୍ଜନର ଅଭିଳାଷା କେତେକଙ୍କର ଥାଏ।ସେହିପରି ଦେବାପରେ ତାହାକୁ ମନରେ ରଖିବା ଆଦୌ ଉଚ଼ିତ୍ ନୁହେଁ। ଯେତେବେଳେ ନିଜର ଯଥେଷ୍ଟ ଅଭାବ ଓ ଅସୁବିଧା ଥାଇ ମଧ୍ୟ ନିଜର ଅଭାବକୁ ଭୁଲିଯାଇ ଅନ୍ୟର କଷ୍ଟକୁ ସହ୍ୟ କରି ନପାରି ଦେଇଥାଏ, ତାହାହିଁ ପ୍ରକୃତ ଦାନ। ଦେଇଦେଲେ କେହି ଗରିବ ହୋଇଯାଏ ନାହିଁ। ବାସ୍ତବରେ କହିବାକୁ ଗଲେ,' ଗିଭିଙ୍ଗ ଇଜ୍ ଏ ଚ଼ଏସ '। ନେବାଠାରୁ ଦେବା ଖୁବ୍ ସହଜଓ ଆନନ୍ଦ ଦାୟକ ଅଟେ। ମଣିଷ ଜୀବନରେ ଅନ୍ୟକୁ ଦେବା ଗୁଣ ଟି ଅତ୍ୟନ୍ତ ଉଚ୍‌ଚ଼କୋଟୀର ଏବଂ ଅନେକ ସଫଳତାର ଚ଼ାବିକାଠି ଅଟେ। ଯେପରି ସମୁଦ୍ରହିଁ ଶ୍ରାବଣର ଅବିଶ୍ରାନ୍ତ ବାରିଧାରାକୁ ପୃଥିବୀକୁ ଆଣିବାକୁ ସମର୍ଥ ଅଟେ । ଆଜିର ଏହି 'ଆର୍ଟ ଅଫ ଗିଭିଙ୍ଗ' ର ଅଭିଯାନର ଲକ୍ଷ୍ୟ ହେଉଛି, ଆମ ସମ୍ମୁଖରେ ଥିବା ଆବଶ୍ୟକ ଥିବା ଯେ କୌଣସି ବ୍ୟକ୍ତିକୁ ଯେକୌଣସି ଉପାୟରେ ଦେବାର ପ୍ରୟାସ ଜାରି ରଖିବା। ଆଉ ଖୁବ୍ ପ୍ରସନ୍ନ ଚ଼ିତ୍ତରେ ଓ ଆନନ୍ଦିତ ମନରେ ଦେବା ଉଚ଼ିତ୍। ଆମର ଏହି ଦେବା ପ୍ରକ୍ରିୟାଦ୍ୱାରା ଆମେ ଅନେକଙ୍କ ମୁହଁରେ ଟିକେ ଖୁସି ହସ ଦେଖିବା ସହ ଅସହାୟ ମନରେ ଆଶାର ସଂଚ଼ାର କରିପାରିବା। ଏ ସମାଜରେ ଏବଂ ଆମ ସମ୍ପର୍କରେ ଏକ ଅଭୁତ ସୁଖମୟ ଆତ୍ମୀୟତାର ସାମାଜିକ ପରିବେଶଟିଏ ସୃଷ୍ଟି କରିପାରିବା। ମରୂଦ୍ୟାନରେ କାକ୍ଟସ୍ ପରି ଦେବାଦ୍ୱରା ନିଶ୍ଚିତ ଆଶାର କିରଣଟିଏ ପକାଇପାରିବା। ଦେବାପାଇଁ ଉପଯୁକ୍ତ ପାତ୍ରକୁ ଅନୁଭବ କରିବା ଓ ନଜରକୁ ଆଣିଲେ ହେଲା। ସେ ଆମର ରକ୍ତ ସମ୍ପର୍କୀୟ ବା ପଡୋଶୀ କିମ୍ବା ଆମକୁ ସେବା ଯୋଗାଇଦେଉ ଥିବା ଓ ଆମନିକଟରେ ଆତଯାତ ହେଉଥିବା କର୍ମଚ଼ାରୀମାନେ ହୁଅନ୍ତୁ, ସଭିଙ୍କର ଆବଶ୍ୟକତାକୁ ନିଜର ସାଧ ଅନୁସାରେ ତନ ପମନ ପଧନ ପସମୟ ଦେବା ଉଚ଼ିତ୍। ଆଜିର ଦୁନିଆରେ ସବୁଠାରୁ ମହଙ୍ଗା ହେଉଛି ସମୟ। ଏହି ମୂଲ୍ୟବାନ ସମୟଦାନଦେଇ କାହାର ଆବଶ୍ୟକତା ପୂରଣ କଲେ, ଦେବାର ପରମ୍ପରା ବଜାୟ ରହିବ। ଏହି ଜୀବନ କେବଳ ଦେବାପାଇଁ ଓ ଦେବାପାଇଁ ହିଁ କେବଳ ଏହି ଜୀବନ, ଏହାହିଁ ବୁଝିବାକୁ ହେବ। ସତରେ ଦେବାରେ ଯେଉଁ ଶାନ୍ତି ଓ ତୃପ୍ତି ତାହା ପାଇବାରେ ଆଦୌ ନ ଥାଏ।ଏହି ଦିବସରେ ଓ ପ୍ରକୃତିରେ ଦେବାର ମହନତାକୁ ନିଜେ ଉପଲବ୍ଧି କରି ଏହାର ପ୍ରୟୋଗାତ୍ମକ ଦିଗକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିପାରିଲେ ଆଜିର ଦିବସ ସାର୍ଥକ ହେବ।

*ଯାଜପୁର*




# ସନ୍ତାନ ସମସ୍ୟାକୁ ଦୂର କରିବ ଗର୍ଭାଶୟ ପ୍ରତିରୋପଣ



ଅନେକ ଦିନରୁ ବାନ୍ଧବୀ ରେଖାର ଫୋନ କଲ ପାଉନଥିଲି। ଜାଣିଛି ଦୀର୍ଘଦିନ ଘର ସଂସାର କରି ମଧ୍ୟ ତା କୋଳରେ ପିଲାଟି ନଥିବାରୁ ସେ ବଡ଼ ଚାକିରୀଟି କରି ମଧ୍ୟ ଭାରି ମନସ୍ତାପରେ ରହୁଛି। ତା'ସ୍ୱାମୀ ସୁବୋଧ ବାବୁ ଯେତେ ଦାମୀ ଚିକିତ୍ସା, ଠାକୁର, ମା'କାଳ ପୂଜା କରି ମଧ୍ୟ କୋଳଟି ଖାଲିଥିବାରୁ ଦୁଇଜଣଙ୍କ ମନ ଦୁଃଖ। ସେ ଦିନ ଓଟି ଥିବାରୁ ମୁଁ ଭାରି ତରତର ଥିବାବେଳେ ରେଖାର ଫୋନଟି ପାଇଲି। ତା' ଫୋନରୁ ମୁଁ ଯାହା ଆଶା କରୁଥିଲି ତାହା ହିଁ ଶୁଣିଲି। ପିଲାଟିଏ ନପାଇ ତା ମାନସିକ ଦୁଃଖ ବୁଝି ତାକୁ ଆମ ସ୍ତ୍ରୀ ଓ ପ୍ରସୂତୀ ରୋଗ ସମ୍ବନ୍ଧୀୟ ସର୍ବଶେଷ ସନ୍ତାନ ସମସ୍ୟାଜନିତ ଚିକିତ୍ସା ବିଜ୍ଞାନର କଥା ଜଣାଇଲି। ଗର୍ଭାଶୟ ନଥାଇ ବି ମହିଳାମାନେ ସେମାନଙ୍କ ଗର୍ଭରେ ସନ୍ତାନଙ୍କୁ ଧରିପାରିବେ ଏବଂ ଏହା ସମ୍ଭବ ହୋଇପାରିବ ଗର୍ଭାଶୟ ପ୍ରତିରୋପଣ ଦ୍ୱାରା। ସାରା ବିଶ୍ୱରେ ଏହି ଆଡ୍‌ଭାନ୍ସ ଟେକ୍ନୋଲୋଜି ଦ୍ୱାରା ଗର୍ଭାଶୟ ନଥାଇ ଜନ୍ମ ହୋଇଥିବା ମହିଳାମାନଙ୍କ ପାଇଁ କିମ୍ବା କୌଣସି ରୋଗ ହେତୁ ଗର୍ଭାଶୟ ହରାଇଦେଇଥିବା ମହିଳାମାନଙ୍କ ପାଇଁ ଗର୍ଭାଶୟ ପ୍ରତିରୋପଣ ଏକ ନୂଆ ମାଧ୍ୟମ ରୂପେ ଉଭା ହୋଇଛି। ରିପ୍ରଡକ୍ଟିଭ ମେଡ଼ିସିନ ମଧ୍ୟ ଉପଲବ୍ଧ ହେଉଛି। ମେଡ଼ିକାଲ କାଉନସିଲ ଅଫ୍ ଇଣ୍ଡିଆ ଗୋଥେନବର୍ଗ ୟୁନିଭର୍ସିଟିର ଗାଇନୋକୋଲୋଜି ଏବଂ ଅବଷ୍ଟେଟ୍ରିକ୍ସ ପ୍ରଫେସର ଡକ୍ଟର ମ୍ୟାଟ୍ସ ବ୍ରାନ୍‌ଷ୍ଟ୍ରନ୍‌ଙ୍କୁ ଭାରତରେ ଏହି ପ୍ରୋସିଜିଓର ପରିଚାଳନା କରିବା ପାଇଁ ଅସ୍ଥାୟୀ ଭାବେ ପଞ୍ଜୀକୃତ କରାଇଛି। ବ୍ରାନ୍‌ଷ୍ଟନ୍ ୨୦୧୪ ଅକ୍ଟୋବରରେ ଏକ ଅପରେସନ ପରିଚାଳନା କରିଥିଲେ ଯେଉଁଥିରେ ପ୍ରଥମଥର ପାଇଁ ଜଣେ ୟୁଟେରାଇନ୍ ଟ୍ରାନ୍ସପ୍ଲା ରେସିପିଏ ବା ଗର୍ଭାଶୟ ପ୍ରତିରୋପଣ କରିଥିବା ମହିଳାଙ୍କ ଠାରୁ ଏକ ସୁସ୍ଥ ଶିଶୁ ଜନ୍ମ ହୋଇଥିଲା। ତା'ପରେ ସେ ବେଙ୍ଗାଲୁରର ଫର୍ଟିଲିଟି ସେ ର ମିଲନ ଏବଂ ଏଥିସହ ଏଚ୍‌ସିଜି ହସପିଟାଲ ସହ ମିଶି ଏହି ୟୁଟେରସ ଟ୍ରାନ୍ସପ୍ଲା ସେନ ଟେକ୍ନୋଲୋଜି ଭାରତକୁ ଆଣିବାକୁ ଚାହିଁଛନ୍ତି। କିନ୍ତୁ ଏହି ପ୍ରକ୍ରିୟା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଚାରାଧୀନ ହୋଇ ରହିଛି। ଡକ୍ଟର ବ୍ରାନ୍‌ଷ୍ଟନ ସ୍ୱିଡ଼େନରେ ତାଙ୍କ କାର୍ଯ୍ୟର ଫଳାଫଳ ଏବଂ ଟେକନିକ୍ ବାବଦରେ ଭାରତର ଚିକିତ୍ସକମାନଙ୍କୁ ଜଣାଇବା ପାଇଁ ଭାରତରେ ଦୁଇଟି କନ୍‌ଫରେନ୍ସ କରିସାରିଛନ୍ତି। ୧୫ଜଣ ରୋଗୀ ଏହି ପ୍ରୋସିଜିଓରରେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।

୫୦୦୦ ମହିଳାରେ ଜଣେ ଏମ୍‌ଆର୍‌ଏଚ୍‌କେ ସିଣ୍ଡ୍ରୋମ୍ ନାମକ ଏକ ଜେନେଟିକ କଣ୍ଡିସନରେ ପୀଡ଼ିତ। ଏହି କଣ୍ଡିସନରେ ଜଣେ ମହିଳା ଗର୍ଭାଶୟ ନଥାଇ ଜନ୍ମ ହୋଇଥାନ୍ତି। ତେବେ ଗର୍ଭାଶୟ ପ୍ରତିରୋପଣ ଏଭଳି ସ୍ଥିତିରେ ପୀଡ଼ିତ ଥିବା ରୋଗୀ ମାନଙ୍କ ପାଇଁ ନୂଆ ଆଶା ରୂପେ ଉଦ୍ରେକ ହୋଇଛି। ଗର୍ଭାଶୟ ସଂକ୍ରାନ୍ତ ଅନ୍ୟାନ୍ୟ ସମସ୍ୟା ଥିବା ମହିଳାଙ୍କୁ ମଧ୍ୟ ଏହି ପ୍ରୋସିଜିଓର ଖୁବ୍ ସାହାଯ୍ୟ କରିବ। ଇନ୍‌ଫର୍ଟିଲିଟି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିଲେ ବି ଏହାର ଚିକିତ୍ସା କରିବା ଏବେ ସହଜ ହୋଇପାରିଛି। ବିଜ୍ଞାନ ଏବେ ବହୁ ଆଗକୁ ଯାଇଛି। ତେଣୁ କୌଣସି ଜିନିଷ ଅସମ୍ଭବ ନୁହେଁ। ଭାରତରେ ୨୦୦୧, ୧୯୯୧, ୧୯୮୧ ଜନଗଣନା ରିପୋର୍ଟକୁ ଆଧାର କରି ଆଇଆଇପିଏସ୍ ଗବେଷକମାନେ ଜାଣିପାରିଛନ୍ତି ଯେ ଭାରତରେ ସନ୍ତାନହୀନତା ୧୯୮୧ ପରଠାରୁ ୫୦ ପ୍ରତିଶତ ବୃଦ୍ଧି ହୋଇଛି। ପା ଜଣରେ ଜଣେ ଦମ୍ପତି ଏବେ ସନ୍ତାନହୀନ। ସେମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗୁଛି। ୧୯୮୧ ମସିହା ପରଠାରୁ ଭାରତର ସହରା ଳରେ ଇନଫର୍ଟିଲିଟି ସମସ୍ୟା ୫୦ ପ୍ରତିଶତ ବୃଦ୍ଧି ହୋଇଛି। ତାମିଲନାଡୁରେ ଏହା ଅଧିକ ବୃଦ୍ଧି ପାଉଥିବା ଦେଖାଯାଏ। ଦେଶର ଅନ୍ୟାନ୍ୟ ରାଜ୍ୟ ଯଥା ଓଡ଼ିଶା ଏବଂ ବିହାର ତୁଳନାରେ ତାମିଲନାଡୁରେ ଇନଫର୍ଟିଲିଟି ସଂଖ୍ୟା ଅଧିକ। ଏଠାକାର ଲୋକମାନେ ଅଧିକ ସମୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଶାରୀରିକ ଅସନ୍ତୁଳନ ଘଟି ଏମିତି ସମସ୍ୟା ଉପୁଜିଥାଏ। ସାକ୍ଷରତା ହାର ବୃଦ୍ଧି ପାଉଥିବା ହେତୁ ଲୋକମାନେ ଅଧିକ ଆଶାବାଦୀ ହୋଇପଡୁଛନ୍ତି ଏବଂ ଅଧିକାଂଶ ସମୟ କେବଳ କାମରେ ହିଁ ବ୍ୟସ୍ତ ରହୁଛନ୍ତି। ଫଳରେ ଶାରୀରିକ ଅସନ୍ତୁଳନ ଘଟି ଓଭୁଲେସନ ଡିଜଅର୍ଡ଼ର ଇନଫର୍ଟିଲିଟିର କାରଣ ହେଉଛି। ଆଜିକାଲି ଭାରତୀୟ ଜନସଂଖ୍ୟାର ପାଖାପାଖି ୧୫ ପ୍ରତିଶତ ଉଭୟ ପୁରୁଷ ଏବଂ ମହିଳା ଇନଫର୍ଟାଇଲ। ସାଧାରଣରେ ମେଲ୍ ଇନଫର୍ଟିଲିଟି ବୃଦ୍ଧି ପାଉଥିବାବେଳେ ଏହାକୁ କିନ୍ତୁ ଆଡ଼େଇଦେଇ ହେବନି ଯେ, ଉଭୟ ପୁରୁଷ ଏବଂ ମହିଳା ଏବେ ସେମାନଙ୍କ ଓ୍ୱର୍କିଂ ଷ୍ଟାଇଲ ପାଇଁ ଅଧିକ ଇନ୍‌ଫର୍ଟିଲିଟିର ଶିକାର ହେଉଛନ୍ତି। ସରକାରୀ ସୂତ୍ରରୁ ଜଣାଯାଇଛି ଯେ, ୧୯୮୦ ଦଶକରେ ମେଲ ଇନଫର୍ଟିଲିଟି ୪୦ ପ୍ରତିଶତ ଥିବାବେଳେ ଏବେ ଏହା ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଅଧ୍ୟୟନରୁ ଜଣାଯାଇଛି ଯେ କୃଷି କ୍ଷେତ୍ରରେ ପେଷ୍ଟିସାଇଡର ଅତ୍ୟଧିକ ବ୍ୟବହାର ଫଳରେ ମେଲ୍ ଇନଫର୍ଟିଲିଟି ସଂଖ୍ୟା ବେଶୀ ବୃଦ୍ଧି ପାଇଛି। ଅତ୍ୟଧିକ ଚାପରେ ରହୁଥିବା ମହିଳାଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖାଦେଇଥାଏ। ଏଥିସହିତ ବିଳମ୍ବିତ ବିବାହ ମଧ୍ୟ ଏହାର ଅନ୍ୟ ଏକ କାରଣ। ତେଣୁ ଚିକିତ୍ସକମାନେ କହୁଛନ୍ତି ଯଦି ମେନ୍‌ଷ୍ଟ୍ରୁଆଲ ସାଇକେଲ ବା ମାସିକ ଋତୁଚକ୍ରରେ କୌଣସି ପରିବ ନ ଦେଖାଦେଉଛି ତେବେ ତୁରନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ। କାରଣ ଆରମ୍ଭରୁ ଚିକିତ୍ସାରେ ରହିଲେ ଇନଫର୍ଟିଲିଟି ସମସ୍ୟା କମିଯିବ। ତେବେ ଖୁସିର କଥା ହେଉଛି ଅତ୍ୟାଧୁନିକ ଟେକନୋଲୋଜିର ପ୍ରୟୋଗ ଦ୍ୱାରା ଇନଫର୍ଟିଲିଟି ଚିକିତ୍ସାରେ ୭୦ ପ୍ରତିଶତ ସଫଳତା ମିଳିପାରିଛି। ତେଣୁ ସନ୍ତାନ ସମସ୍ୟାକୁ ନେଇ କୋଳ ଖାଲିଥିବା ମାଆ ମାନଙ୍କ ପାଇଁ ଖୁସିର ସମୟ ପହ ସାରିଛି।

**ଡାକ୍ତର ଶୁଭଶ୍ରୀ ମିଶ୍ର**, ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୮୬୧୪୬୩୪୦୬

## ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସମାରୋହ



ଭୁବନେଶ୍ୱର (ପିଏନ୍– ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ଆନ୍ଦୋଳନର କିମ୍ବଦନ୍ତୀ ପୁରୁଷ, ଶିକ୍ଷାବିତ୍ ତଥା ପୂର୍ବତନ ବିଧାୟକ ପ୍ରାଣନାଥ ପଟ୍ଟନାୟକଙ୍କର ୫୨ତମ ସ୍ମୃତି ସମାରୋହ ଗତ ୫ ତାରିଖ ଦିନ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠ ନେତା କମ୍ରେଡ଼ ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଡ. ଅମିୟ ମହାନ୍ତି ଓ ଭୁବନେଶ୍ୱର ଅଞ୍ଚଳ କମିଟିର ସମ୍ପାଦକ ସୁର ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କମ୍ରେଡ଼ ପ୍ରାଣନାଥ ପଟ୍ଟନାୟକଙ୍କ ବିପ୍ଳବୀ ଓ ସଂଗ୍ରାମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଭାରତବର୍ଷରେ ସାମ୍ପ୍ରଦାୟିକ ଫାସୀବାଦୀ ମତାଦର୍ଶରେ ବିଶ୍ୱାସ କରୁଥିବା ଶକ୍ତିମାନେ ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ଧର୍ମନିରପେକ୍ଷତାକୁ ବିପନ୍ନ କରିଚାଲିଥିବାବେଳେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହୋଇ ସଂଗ୍ରାମ ଚଳାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ପାଇକରାୟ, ଜୟନ୍ତ ଦାସ, ଲୋକନାଥ ଭୋଇ, କୈଳାସ ପୁହାଣ, ଶରତ ସ୍ୱାଇଁ, ଶଙ୍କର ବାରିକ ଓ ଛେତମ୍ବର ଭୋଇ ପ୍ରମୁଖ ଉପସ୍ଥିତ ରହି ପ୍ରୟାତ ନେତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ।

# ଗଡ଼ଜାତ ଅମଳର ଏକ ବୀଭତ୍ସ କାହାଣୀ !



୧୮୦୩ ମସିହାରେ ଇଂରେଜମାନେ ମରହଟ୍ଟା ମାନଙ୍କୁ ପରାସ୍ତ କରି ଓଡ଼ିଶା ଶାସନ ଭାର ଗ୍ରହଣ କରିଥିଲେ। ସେତେବେଳେ ଓଡ଼ିଶା କହିଲେ, ମୋଗଲବନ୍ଦୀ ଓ ଗଡ଼ଜାତ ଅ ଳକୁ ବୁଝାଉଥିଲା। ମୋଗଲବନ୍ଦୀ ଅ ଳ ଇଂରେଜମାନଙ୍କର ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ଏହି ଅ ଳରେ ଥିଲା ମାତ୍ର ୩ଟି ଜିଲ୍ଲା କଟକ, ପୁରୀ ଓ ବାଲେଶ୍ୱର। ଏହା ବାହାରେ ୧୭ଟି ଗଡ଼ଜାତ ଅ ଳ ଭିନ୍ନଭିନ୍ନ ରାଜା ମହାରାଜାଙ୍କ ଦ୍ୱାରା ଶାସିତ ହେଉଥିଲା। ରାଜ୍ୟ ଶାସନ ସେମାନଙ୍କର ସଂପୂର୍ଣ୍ଣ ଅଧିକାର ଥିଲେ ହେଁ ସେମାନଙ୍କୁ ତଦାରଖ ପାଇଁ ଇଂରେଜମାନେ ପଲିଟିକାଲ୍ ଏଜେ ୍ ରଖିଥିଲେ। ସମସ୍ତ ଦେଶୀୟ ରାଜାଙ୍କର ମୁଖ୍ୟ ଥିଲେ ସୁପରିଟେଣ୍ଡେ ଅଫ୍ ଟ୍ରିବ୍ୟୁଟରୀ (ମାହାଲ୍)। ସେ କଟକରେ ଅବସ୍ଥାନ କରୁଥିଲେ। ଗଡ଼ଜାତ ରାଜାମାନଙ୍କର ପ୍ରଜା ପୀଡ଼ନ ଓ ବିଭିନ୍ନ ବେଆଇନ୍ କାର୍ଯ୍ୟ ଉପରେ ଇଂରେଜମାନେ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ। ପ୍ରଜାଙ୍କର ସରଳତା ଓ ଅଜ୍ଞତାର ସୁଯୋଗ ନେଇ କେତେକ ଗଡ଼ଜାତ ରାଜା ସେମାନଙ୍କ ଉପରେ ମନଇଚ୍ଛା ଅତ୍ୟାଚାର କରୁଥିଲେ। ସେସବୁ ଏବେ କାହାଣୀ ଓ କିମ୍ବଦନ୍ତୀ ଆକାରରେ ବ ି ରହିଛି। ଢେଙ୍କାନାଳର ଜତନନଗରର କାହାଣୀ, କେନ୍ଦୁଝରଗଡ଼ର ମାଛକାନ୍ଦଣା ଜୋର ଓ ତାଳଚେରର ପ୍ରଜା ପୀଡ଼ନ କଥା ଇତିହାସରେ ଲିପିବଦ୍ଧ ରହିଛି। ଏହି ଗଡ଼ଜାତ ରାଜ୍ୟ ଗୁଡ଼ିକ ମଧ୍ୟରେ ବାଙ୍କି ଥିଲା ଅନ୍ୟତମ। ରାଜ୍ୟ ମୁଖ୍ୟ ଦପ୍ତର କଟକ ଠାରୁ ମାତ୍ର ୩୦ମାଇଲ୍ ଦକ୍ଷିଣ-ପଶ୍ଚିମ ଦିଗରେ ମହାନଦୀ କୂଳରେ ୭୫୦ ବର୍ଗ ମାଇଲ୍ ବ୍ୟାପୀ ବାଙ୍କି ରାଜ୍ୟ ରହିଥିଲା। ଏହାର ଅଧିଷ୍ଠାତ୍ରୀ ଦେବୀ ଥିଲେ ମା' ଚର୍ଚ୍ଚିକା। ମହାନଦୀ କୂଳର ଉର୍ବର ଜମି ଓ ବ୍ୟବସାୟିକ ସୁବିଧା ଯୋଗୁ ଲୋକମାନେ ଅପେକ୍ଷାକୃତ ସ୍ୱଚ୍ଛଳ ଥିଲେ। ଇଂରେଜମାନେ ଓଡ଼ିଶା ଅଧିକାର କଲାବେଳେ ଏହାର ଶାସକ ଥିଲେ ବ୍ରଜ ବିହାରୀ ଶ୍ରୀଚନ୍ଦନ(୧୭୭୯-୧୮୧୩)। ତାଙ୍କର ମୃତ୍ୟୁ ପରେ ପୁତ୍ର ପିତାମ୍ବର ଶ୍ରୀ ଚନ୍ଦନ ରାଜା ହେଲେ। ୧୮୧୮ରେ ତାଙ୍କର ମୃତ୍ୟୁ ହେଲା। ସେ ଅପୁତ୍ରିକ ଥିବାରୁ ରାଜ୍ୟର ମୁଖିଆମାନେ ଡ଼ମପଡ଼ା କିଲ୍ଲାର ଜଣେ କ୍ଷତ୍ରିୟ ଯୁବକକୁ ଆଣି ରାଜଗାଦିରେ ବସାଇଲେ। ଏହି ଯୁବକ ଜଗନ୍ନାଥ ଶ୍ରୀଚନ୍ଦନ ନାମ ଧାରଣ କରି ରାଜତ୍ୱ କରିବାକୁ ଲାଗିଲେ। ମାତ୍ର ବଳଭଦ୍ର ଭ୍ରମରବର ନାମକ ଜଣେ ଯୁବକ ସ୍ୱର୍ଗତ ରାଜାଙ୍କର ରକ୍ଷିତା ଫୁଲବାଈର ସନ୍ତାନ ବୋଲି ଦାବି କରି ନିଜେ ରାଜା ହେବାକୁ ଦାବି କଲେ ଓ ଇଂରେଜ ମାନଙ୍କୁ ଦରଖାସ୍ତ କଲେ। ହେଲେ ପ୍ରମାଣ ଦେଇ ନପାରିବାରୁ ତାଙ୍କର ଆବେଦନ ଖାରଜ ହୋଇଗଲା। ବିଫଳ ହୋଇ ବଳଭଦ୍ର ପ୍ରଜାମାନଙ୍କୁ ମତାଇ ରାଜ୍ୟରେ ଅଶାନ୍ତି ସୃଷ୍ଟି କଲେ। ବାଙ୍କି ରାଜା ମଧ୍ୟ ଏହା ମଧ୍ୟରେ ପ୍ରଜାପୀଡ଼କ ଓ ନିଷ୍ଠୁର ହୋଇଗଲେ।

ତାଙ୍କର କୁଶାସନକୁ ପ୍ରତିବାଦ୍ କରି ବାଙ୍କି କୁଣ୍ଡଳପୁର ଅ ଳର ୭ଶହ ରୟତ ମାଧବ ସାମନ୍ତସିଂହାର ଓ ଲୋକନାଥ ମହନ୍ତଙ୍କ ନେତୃତ୍ୱରେ କଟକ ଯାଇ କମିସନ୍ ହେନେରୀ ରିକେଷ୍ଟଙ୍କୁ ବାଙ୍କି ରାଜାଙ୍କ ବିରୁଦ୍ଧରେ ଦାବିପତ୍ର ଦେଲେ। କମିସନ୍ ତତ୍‌କ୍ଷଣାତ୍ ତଦନ୍ତ ନିର୍ଦ୍ଦେଶ ଦେଲେ। ଏହା ମଧ୍ୟରେ ବାଙ୍କି ରାଜା ଲୋକଙ୍କୁ ବୁଝାଇବା ପାଇଁ ନିଜର ରାଜଗୁରୁ ରଘୁନାଥ ପରମଗୁରୁ ଓ ତାଙ୍କ ପୁତ୍ର ଗଙ୍ଗାଧର ମହାପାତ୍ରଙ୍କୁ ସେହି ଅ ଳକୁ ପଠାଇଲେ। ତାଙ୍କୁ ମଧ୍ୟ କୁଣ୍ଡଳପୁର ଅ ଳରସର୍ବରାକାର ରୂପେ ନିଯୁକ୍ତି ଦେଲେ। ରାଜଗୁରୁଙ୍କର ଲୋକଙ୍କ ଉପରେ ପ୍ରଭାବ ଥିଲା। ହେଲେ କେତେକ ଖଳ ପ୍ରକୃତିର ଲୋକେ ରାଜାଙ୍କୁ କହିଲେ ଯେ, ଲୋକଙ୍କୁ ବୁଝାଇବା ପରିବର୍ତ୍ତେ ରାଜଗୁରୁ ଓ ତାଙ୍କର ବନ୍ଧୁ ଆନନ୍ଦ ମହାପାତ୍ର ଏହି ମେଳିକୁ ପଛରୁ ଇନ୍ଧନ ଯୋଗାଉଛନ୍ତି। କଥାରେ ଅଛି, ରାଜା ଗୋଜା। କିଛି ବିଚାର ନକରି ରାଜଗୁରୁ, ତାଙ୍କର ପୁତ୍ର ଓ ବନ୍ଧୁଙ୍କୁ ଧରି ଆଣିବାକୁ ରାଜା ଆଦେଶ ଦେଲେ। ଆନନ୍ଦ ମହାପାତ୍ର ରାଜାଙ୍କୁ ଘୋଡ଼ା ଯୋଗାଇବାରେ ତାଙ୍କୁ ଠକିଥିବା ଅଭିଯୋଗ ହେଲା। ଅନ୍ୟ ଦୁଇଜଣଙ୍କ ବିରୁଦ୍ଧରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନଥିଲା। ଘୋର ଜଙ୍ଗଲକୁ ନିଆଯାଇ ସେମାନଙ୍କ ହାତଗୋଡ଼ ବାନ୍ଧି ପକାଇ ଦିଆଗଲା। ସେମାନଙ୍କୁ ବଣଜନ୍ତୁ ଖାଇଯିବେ ବୋଲି ରାଜାଙ୍କର ବିଶ୍ୱାସ ଥିଲା। ବଣଜନ୍ତୁ ନଖାଇବାରୁ ରାଜା ପାଇକଙ୍କ ଦ୍ୱାରା ସେମାନଙ୍କୁ ମାରିବାକୁ ଆଦେଶ ଦେଲେ। କିନ୍ତୁ ପାଇକମାନେ ରାଜି ନହେବାରୁ ୧୮୩୯ ଜାନୁୟାରୀ ୧୪ରେ ଜଣେ ମୁଖିଆ ବଳଭଦ୍ର ରାଉତଙ୍କୁ ଏହି ଆଦେଶ କାର୍ଯ୍ୟକାରୀ କରିବାକୁ ରାଜା ନିର୍ଦ୍ଦେଶ ଦେଲେ। ବଳଭଦ୍ର ସେଦିନ ରାତିରେ ସେହି ୩ଜଣଙ୍କୁ ମାରି ପୋଡ଼ି ଦେଲା ଓ ପାଉଁସକୁ ଏଣେତେଣେ ବି ିଦେଲା। ଏହାପରେ ମଧ୍ୟ ରାଜାଙ୍କର ମନ ଶାନ୍ତ ହେଲାନାହିଁ। ସେତେବେଳେ ରାଜଗୁରୁଙ୍କ ଘରେ ଆଉ ୭ଜଣ ବାସ କରୁଥିଲେ। ସେମାନେ ହେଲେ ତାଙ୍କର ସ୍ତ୍ରୀ, ବିବାହିତା ଝିଅ ଓ ଜ୍ୱାଇଁ, ଝିଅର ଶାଶୂ, ଶାଳୀ, ଶାଳୀର ପୁଅ। ରାଜାଙ୍କର ଆଦେଶରେ ରାତିରେ ଏମାନଙ୍କୁ ବାନ୍ଧି ଜଙ୍ଗଲକୁ ନିଆଗଲା। ବିଭିନ୍ନ ସ୍ଥାନରେ ଜଣଜଣଙ୍କୁ ମାରି ପୋଡ଼ି ଦିଆଗଲା। ଏହାସହ ରାଜଗୁରୁଙ୍କର ଘରକୁ ମଧ୍ୟ ନିଆଁ ଲଗାଇ ପୋଡ଼ି ଦିଆଗଲା।

ଏଭଳି ଦୁଃଖଦ ଘଟଣା ବାଙ୍କି ଅ ଳରେ ଘୋର ଚା ଲ୍ୟ ସୃଷ୍ଟି କଲା। ଲୋକମାନେ ରାଜଗୁରୁଙ୍କ ପାଇଁ କାନ୍ଦିଲେ। ଗୀତ ଲେଖାହୋଇ ରାସ୍ତାଘାଟରେ ବୋଲାଗଲା। ରାଜାଙ୍କ ଭୟରେ କେହିକିଛି କହିଲେନାହିଁ। ଶେଷରେ ୧୮୩୯ ଜାନୁୟାରୀ ୨୩ରେ ଆନନ୍ଦ ମହାପାତ୍ରଙ୍କ ଭାଇ ଜୟଦେବ ମହାପାତ୍ର କଟକ ଯାଇ ଭାରପ୍ରାପ୍ତ କମିସନର ଏଜେଏମ୍ ମିଲ୍‌ସଙ୍କୁ ଏହି ନାରକୀୟ ଘଟଣା ସଂପର୍କରେ ଲିଖିତ ଭାବେ ଜଣାଇଲେ। କମିସନର ସଙ୍ଗେସଙ୍ଗେ ତଦନ୍ତ ନିର୍ଦ୍ଦେଶ ଦେଲେ। ରାଜାଙ୍କୁ ଏହି କାର୍ଯ୍ୟ ବିଷୟରେ କୈଫିୟତ୍ ମଗାଗଲା। ଏହି ଲୋକମାନେ ବିଭିନ୍ନ ରୋଗରେ ମରିଛନ୍ତି ବୋଲି ରାଜା ସଫେଇ ଦେଲେ। ମାତ୍ର କମିସନର କିଛି ଶୁଣିଲେ ନାହିଁ। ତଦନ୍ତ ବେଳେ ଜଙ୍ଗଲରୁ ମୃତକ ମାନଙ୍କର ହାଡ଼, ପାଉଁସ, ପୋଷାକ, କେଶ, ରକ୍ତଛିଟା ଓ ଖଣ୍ଡା ଶାଣ କରିଥିବା ପଥର ମାନ ମିଳିଲା। ସଙ୍ଗେସଙ୍ଗେ କମିସନ୍ ରାଜାଙ୍କୁ କାର୍ଯ୍ୟ ଛାଡ଼ି କଟକ ଯିବାକୁ ନିର୍ଦ୍ଦେଶ ଦେଲେ। କଟକରେ ତାଙ୍କୁ ନଜର ବନ୍ଦୀରେ ରଖାଗଲା। ସେହି ରାଜ୍ୟକୁ କମିସନ୍‌ଙ୍କ ପ୍ରତ୍ୟକ୍ଷ ଶାସନକୁ ଅଣାଗଲା। ବହୁ ଅନୁସନ୍ଧାନ ପରେ ରାମେଶ୍ୱର ସିଂହ ନାମକ ଜଣେ ପାଇକ ସବୁକଥା ଖୋଲି କହିଲା। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ୍ କରାଗଲା। ୧୮୪୦ଜାନୁୟାରୀ ୨ରେ ଏଜେଏମ୍ ମିଲ୍‌ସ ବିଚାର ଆରମ୍ଭ କଲେ। ମିଲ୍‌ସ ୯ଦିନ ଧରି ବିଭିନ୍ନ ସାକ୍ଷୀଙ୍କ ବୟାନ ଶୁଣିଲେ। ପାଇକମାନେ ରାଜାଙ୍କ ଆଦେଶ ପାଳନ କରିଛନ୍ତି ବୋଲି କହି କ୍ଷମା ମାଗିଲେ। ହେଲେ ବିଚାରପତି କିଛି ଶୁଣିଲେ ନାହିଁ। ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଗଲା। ରାଜାଙ୍କୁ କଟକର ଗୋଟିଏ ଘରେ ସାରା ଜୀବନ ପାଇଁ ବନ୍ଦୀରେ ରଖାଗଲା। ୧୮୪୦ ଏପ୍ରିଲ୍ ୧୧ରେ ବାଙ୍କିକୁ ଇଂରେଜ ଅ ଳ ସହ ମିଶାଇ ଦିଆଗଲା। ବାଙ୍କିର ରାଜପଦ ଲୋପ ପାଇଲା। ଏବେ ମଧ୍ୟ ସେହି କରୁଣ କାହାଣୀ ବାଙ୍କିର ଲୋକେ ଭୁଲି ନାହାନ୍ତି। ଲୋକେ କହନ୍ତି, ରାଜଗୁରୁ ମରିବା ଆଗରୁ ବାଙ୍କି ରାଜବଂଶକୁ ନିଃବଂଶ ହେବା ପାଇଁ ଅଭିଶାପ ଦେଇଥିଲେ। ପରବ ୀ କାଳରେ ଏହା ସତ୍ୟରେ ପରିଣତ ହୋଇଥିଲା।

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ବରିଷ୍ଠ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ, ଉମରକୋଟ୍, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଏସ ଆର ବି ସ୍ୱସ୍ତିକ ପୋଉର୍ଟି ଫାଉଣ୍ଡେସନ ତରଫରୁ ରନ୍ଧା ଖାଦ୍ୟ ବ ନ



ବାଲେଶ୍ୱର (ପିଏନ୍)-ସରିଯାଇଛି ପାର୍ବଣ କମିଯାଇଛି ଲୋକଙ୍କ ମନକୁ ଉତ୍ସାହ ଓ ସେବା ମନୋବୃ ି କିନ୍ତୁ କମିନାହିଁ। ବାଲେଶ୍ୱର ରେଳଷ୍ଟେସନ ଠାରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ବଂଟନ କରାଯାଇଛି। ଏସ ଆର ବି ସ୍ୱସ୍ତିକ ପୋଉର୍ଟି ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ଯେପରି କି କୋଭିଡ଼ ସମୟରେ ମାସ୍କ ବ ନ ସହ ସଚେତନ କାର୍ଯ୍ୟକ୍ରମ, ରକ୍ତଦାନ, ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର, ବୃକ୍ଷରୋପଣ, ରୋଗୀଙ୍କୁ ଫଳ ବ ନ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସେହିପରି ଭାବରେ ସନ୍ଧ୍ୟାରେ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ୫୦ରୁ ଉର୍ଦ୍ଧ୍ୱ ଅସହାୟଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ଉପସ୍ଥିତିରେ ରନ୍ଧାଖାଦ୍ୟ ବ ନ କରାଯାଇଥିବା ବେଳେ ଅନୁଷ୍ଠାନର ସଦସ୍ୟସଦସ୍ୟାମାନେ ସହଯୋଗ କରିଥିଲେ। ଆଗକୁ ମଧ୍ୟ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରା କହିଛନ୍ତି।

# ସରଫୁଦ୍ଦିନ ଖାନ ଓ ଇନ୍ଦୁ ଶ୍ରୀଚନ୍ଦନଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): କଂଗ୍ରେସର ଆଜୀବନ କର୍ମୀ ତଥା ଜିଲ୍ଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ସରଫୁଦ୍ଦିନ ଖାନ ଓ ୨ ନମ୍ବର ବ୍ଲକ୍ କଂଗ୍ରେସର ଉପସଭାନେତ୍ରୀ ଶ୍ରୀମତୀ ଇନ୍ଦୁ ଶ୍ରୀଚନ୍ଦନଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଗତ ୮ ତାରିଖରେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲେ । ଏହି ଶୋକ ସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପୂର୍ବତନ ସମ୍ପାଦକ ସବୀର ହୁସେନ ଓ ରଶ୍ମିରଂଜନ ପାଢୀ, ଉପସଭାପତି ସଂୋଷ ବିଶ୍ୱାଳ ଓ କୀ ନ ଦାସ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ରଘୁନାଥ ଦାସ, ପ୍ରତାପ ବେହେରା ଓ ରାଜେନ୍ଦ୍ର ରଜାକ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତ'ୀ, ସମ୍ପାଦକ ଅମ୍ରିତ କୌର, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବିଶ୍ୱରନ ରାଉତ, ସେକ୍ ହୁସେନ, ବିଶ୍ୱଜିତ ସାହୁ, ଶିବୁ ଓରାମ ପ୍ରମୁଖ ବକ୍ତବ୍ୟ ରଖି ଉଭୟ ନେତାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ କଂଗ୍ରେସ ସଙ୍ଗଠନ ପ୍ରତି ସେମାନଙ୍କ ଯୋଗଦାନ ଉପରେ ଆଲୋକପାତ କରିଥିଲେ । ଉଭୟ ସ୍ୱର୍ଗତ ଖାନ ଓ ଶ୍ରୀମତୀ ଶ୍ରୀଚନ୍ଦନଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶୋକ ସଭାରେ ମତ ପ୍ରକାଶ ପାଇଥିଲେ । ଏହି ଅବସରରେ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଶେଷରେ ସେବାଦଳର ବୁଲୁ ଦାସ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ସଭାପତି ବିଜୟ ଆପଟ, ସୁନୀଲ ସିଂହ, ସାକିର ହୁସେନ, ପ୍ରତିମା ପାଣିଗ୍ରାହୀ, ପିସିସି ମହିଳା ସମ୍ପାଦିକା ଲତା ନାୟକ, ଝୁନୁ ପଟ୍ଟନାୟକ, ଦିଲ୍ଲୀପ ଜେନା, ଓବିସି ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ସାହୁ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି ଶୋକସଭାରେ ଉପସ୍ଥିତ ରହି ଉଭୟ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

## ତହସିଲ ଏନଫୋର୍ସମେଂଟ ଟିମ୍‌ର ଚଢ଼ଉ, ୭ଟି ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲର ଏନଫୋର୍ସମେଂଟ ଟିମ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବେଆଇନ ଭାବେ କଳାପଥର ଓ ବାଲି ପରିବହନ କରୁଥିବା ୭ ଗୋଟି ଗାଡିକୁ ଜବତ କରାଯାଇଛି । ଏନଫୋର୍ସମେଂଟ ଟିମରେ ତହସିଲର ସୁପରଭାଇଜର ନୀଳମଣି ବିଶ୍ୱାଳ, ରଂଜନ ବିଶ୍ୱାଳ, ଆରଆଇ ଚନ୍ଦନ କୁମାର ସାହୁ, ଏଆରଆଇ ଜଗବନ୍ଧୁ ଜେନା ଓ ନିର୍ମଳ ପଣ୍ଡା ପ୍ରମୁଖ ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରୁ କଳାପଥର ବୋଝେଇ ୨ଟି ମିନିଟ୍ରକ ଓ ଟ୍ରାକ୍ଟର ଜବତ କରିଥିଲେ । ସେହିପରି କାଏମା ଠାରୁ ରମାପୁର ରାସ୍ତାର କୋତପୁର ଠାରେ ୨ଟି କଳାପଥର ବୋଝେଇ ୨ ଗୋଟି ଟିପର ଓ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ । ଜବତ ଗାଡିଗୁଡିକୁ ନାକପୋଲ ଆରଆଇ ଅଫିସ ଓ କୋତପୁର ଫାଣ୍ଡିରେ ରଖାଯାଇଛି । ଜବତ ଗାଡି ଗୁଡିକ ଠାରୁ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ ହେବ ବୋଲି ସୁପରଭାଇଜର ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଗତ କିଛି ଦିନ ହେଲା ତହସିଲ ପକ୍ଷରୁ ବିଭିନ୍ନ ଖାଦାନ ମାପଚୁପ କରାଯାଉଥିବା ପ୍ରତିବାଦରେ ରାହାଡପୁର, ଡଙ୍କାରୀ, ବିଛାଖଣ୍ଡି, ବାଘୁଆ, ଆରୁହା ଆଦି ଅଂଚଳରେ ଥିବା ସମସ୍ତ ଲିଜ ଖାଦାନକୁ ଇଜରାଦାରମାନେ ବନ୍ଦ କରି ଦେଇଛନ୍ତି । କଂଚାମାଲ ଅଭାବରୁ ଏଠାରେ ଗଢ଼ି ଉଠିଥିବା କ୍ରସରଗୁଡିକ ମଧ୍ୟ ବନ୍ଦ ରହିଛି । ଯାହାଫଳରେ ସାଧାରଣ ଲୋକେ ଘର କରିବା ପାଇଁ ଆବଶ୍ୟକ ଚିପ୍ସକୁ ଉଚ୍ଚା ରେଟରେ ବିକ୍ରି ହେଉଛି । ତେବେ ଯେଉଁ କ୍ରସର ଗୁଡିକରେ ଅଧିକ ମାଲ ଗଚ୍ଛିତ ରହିଛି ସେହି କ୍ରସରର ମାଲିକମାନେ ବିନା ରସିଦରେ ଚିପ୍ସ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି । ତେବେ ବିନା କାଗଜପତ୍ରରେ ମାଲ ପରିବହନ କରୁଥିବା ଗାଡିଗୁଡିକ ବିଭିନ୍ନ ସମୟରେ ତହସିଲ ଓ ପୁଲିସଙ୍କ ଦ୍ୱାରା ଧରାପଡି ତଣ୍ଡ ଗଣିବାକୁ ବାଧ୍ୟ ହେଉଛନ୍ତି ।

# କମ୍ରେଡ କ୍ଷେତ୍ରବାସୀ ପ୍ରଧାନଙ୍କ ପରଲୋକ

କଟକ (ପିଏନ୍) - ବରିଷ୍ଠ ରାଜନେତା କମ୍ରେଡ କ୍ଷେତ୍ରବାସୀ ପ୍ରଧାନଙ୍କର ୭୮ ବର୍ଷ ବୟସରେ କଟକ ଏସସିବି ହସ୍ପିଟାଲରେ ପରଲୋକ ଘଟିଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନନଗର ଗ୍ରମ ପ ାୟତର ଚନ୍ଦନନଗର ନିବାସୀ ଶ୍ରୀଯୁକ୍ତ ପ୍ରଧାନ ଚାରିଦିନ ତଳେ ରାତିରେ ଖାଇପିଇ ସାରି ଶୋଇବାକୁ ଯିବା ସମୟରେ ହଠାତ୍ ବ୍ରେନ୍‌ଷ୍ଟ୍ରୋକ୍ ହୋଇଥିଲା। ତୁର' ତାଙ୍କୁ କେନ୍ଦ୍ରାପଡା ହସ୍ପିଟାଲ ଓ ପରେ କଟକ ବଡ ମେଡିକାଲ୍‌କୁ ଅଣାଯାଇ ଚିକିତ୍ସା ଜାରି ରହିଥିଲା। ସେଠାରେ କଟକ ମେୟର ସୁବାଷ ସିଂ ପହ ି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଉନ୍ନତ ଚିକିତ୍ସା ପାଇଁ ଡାକ୍ତରମାନଙ୍କୁ କହିଥିଲେ। ସମସ୍ତ ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ବିଫଳ ହୋଇଥିଲେ। ଶ୍ରୀଯୁକ୍ତ ପ୍ରଧାନ ଇହଲିଳା ସମ୍ବରଣ କରିଥିଲେ। ସେ ଜଣେ ମେଳାପି, ପରୋପକାରୀ, ମିଷ୍ଟଭାଷୀ ଏବଂ ପ୍ରଚଣ୍ଡ ପ୍ରତିଭାଧାରୀ ରାଜନେତା ଭାବରେ ସ୍ଥାନୀୟ ଅ ଳରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅ ଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଖବର ପାଇ ପ ାୟତର ସମିତି ସଭ୍ୟ ମାନସ ମଲ୍ଲିକ, ସରପ ବନୋଜ ସେଠୀ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ନେତା ସୁରେଶ ପଣ୍ଡାଙ୍କ ସମେତ ଗାଁର ମୁରବୀ ଓ ଆଖପାଖ ଅ ଳର ବହୁ ରାଜନେତା ତାଙ୍କ ବାସଭବନରେ ପହ ି ଶେଷ ଦର୍ଶନ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶେଷରେ ଗ୍ରାମ ମସାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ମୋ ସହର

## ଷାଠିଏ ଘର ଡୁମାଲ ସମାଜର ଜାଗୃତି ସଭା ଅନୁଷ୍ଠିତ

ବଲାଙ୍ଗିର, (ପି.ଏନ):ବଲାଙ୍ଗିର ବ୍ଲକ ଅନ୍ତର୍ଗତ କେରମେଲି ଗ୍ରାମ ସ୍ଥିତ ମା ମାହେଶ୍ୱରୀଙ୍କ ଡାଲତଳ ପ୍ରାଙ୍ଗଣରେ ଟିକେଶ୍ୱର କର୍ମୀଙ୍କ ସଭାପତିତ୍ୱରେ ଷାଠିଏ ଘର ଡୁମାଲ ସମାଜର ଜାଗୃତି ସଭା ତିର୍ଥ ପଧାନଙ୍କ ମଂଚ ପରିଚାଳନା ସହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ବଲାଙ୍ଗିର ଜିଲ୍ଲାର ଡୁମାଲ ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ସଚେତନତା, ଜାଗରଣ, ମନ୍ଥନ, ଯୋଗାଯୋଗ, ଗୁରୁ ଆଶିର୍ବାଦ, ପିତାମାତାଙ୍କ ଚରଣ ବନ୍ଦନା ଇତ୍ୟାଦି କାର୍ଯ୍ୟକ୍ରମର ତତ୍ୱାବଧାରକ ତଥା ପ୍ରମୁଖ ଜଗନ୍ନାଥ କରନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମାନିତ ଅତିଥି ଭାବେ ପ୍ରକାଶ ମେର୍ଲି, ରମାକାନ୍ତ ପଧାନ, ଇନ୍ଦୁଭୂଷଣ ଡାଙ୍ଗ, ଇଶ୍ୱର କରନ, ବରୁଣ ବଘାର, ଗୁରୁଦେବ କର୍ମୀ, ବ୍ୟାସଦେବ ଦେହୁରୀ, ଶମ୍ଭୁ ମହାକୁର, ଶୀତଳ ଅମାତ, ଜୟସିଂ ଖମାରୀ, ସନାତନ ବଘାର, ଗୁପ୍ତେଶ୍ୱର ପାତ୍ର, ରାମଚନ୍ଦ୍ର ପଧାନ, ଗଙ୍ଗାଧର କର୍ମୀ, ରାଜକୁମାର ପଧାନ, ଶେଷଦେବ କର୍ମୀ, ଅଭି ପଧାନ ପ୍ରମୁଖ ମଂଚାସିନ ହୋଇ ଡୁମାଲ ସମାଜ କିପରି ଶିକ୍ଷାଗତ, ସାମାଜିତ, ଆର୍ଥିକ, କୃଷି, ବ୍ୟବସାୟିକ ତଥା ସର୍ବାଙ୍ଗୀନ ବିକାଶ ହୋଇ ପାରିବ ଅତିଥି ବୃନ୍ଦ ନିଜ ନିଜ ବକ୍ତବ୍ୟ ରେ ସଭାରେ ମତାମତ ଉପସ୍ଥାପନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ଯୁବ ସମାଜସେବୀ ପୁରୁଷୋତମ କର୍ମୀ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମନମୋହନ କର୍ମୀ, ଗୋପବନ୍ଧୁ କର୍ମୀ, ସୁନା ପଧାନ, ଟଙ୍କଧର ପାତ୍ର, ସନ୍ୟାସୀ ପଧାମ, ସୁରେନ୍ଦ୍ର ପଧାନ, ଇନ୍ଦ୍ରମଣି ପଧାନ, ଜଳନ୍ଧର ପଧାନ, ଗୁଣ୍ଡୁ ପଧାନ, ରମେଶ କର୍ମୀ, ଦୟାନିଧି ପଧାନ, ଅଖିଳ ପଧାନ, ଫଗୁନୁ କର୍ମୀ, ନବୀନ କର୍ମୀ, ନନ୍ଦୀ କିଶୋର ପାତ୍ର, ବେଣୁଧର ଗଡୁଆ, ଟଙ୍କଧର ପାତ୍ର, ଅଜିତ କର୍ମୀ, ରାମ ପଧାନ, ଦୁର୍ଯୋଧନ କର୍ମ, ଢେକଲ ପଧାନ, ଅର୍ଜୁନ ପଧାନ, ସିଦ୍ଧେଶ୍ୱର କର୍ମୀ, ବୀଣା ପଧାନ, ଘନଶ୍ୟାମ ଡାଙ୍ଗ, ଇହଦେବ ପଧାନ, ମୁରଲୀ କର୍ମୀ, ପବିତ୍ର ପଧାନ, କୁଲ କର୍ମୀ, ବଳରାମ ପଧାନ, ଘାସି କ୍ଷେତି, ଯେହେରୁ ମହାକୁର, ବିଜୟ ପଧାନ, ଅନିରୁଦ୍ଧ ପଧାନ, ଭରତ ଦନ୍ତା, ପରମେଶ୍ୱର ପଧାନ ପ୍ରମୁଖଖ ତଥା କର୍ଲାଟିଟା, ବରପିଟା, ଢୁଲୁସର ଇତ୍ୟାଦି ଗ୍ରାମରୁ ବହୁ ସଂଖ୍ୟାରେ ଯୋଗଦେବା ସହିତ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳାମାନେ ଉପସ୍ଥିତ ରହି ପ୍ରତି ବର୍ଷ ଏପରି ସମାଜ ସୁଧାରକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ତିର୍ଥ ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ଶେଷ କରିଥିଲେ ।

## ଗୋ-ମୈତ୍ରୀ ଯୋଜନା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡ଼ା, (ପି.ଏନ): ଗୋ-ମୈତ୍ରୀ ଯୋଜନା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଅଧିନରେ ଗୋ-ମୈତ୍ରୀ ଯୋଜନା ନିଯୁକ୍ତିରେ ଅନିୟମିତତା ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଓଡିଶା ସରକାରଙ୍କ ଅଧିନରେ ଆରମ୍ଭ ହୋଇଥିବା ଗୋ-ମୈତ୍ରୀ ଯୋଜନା ନିଯୁକ୍ତିରେ କେନ୍ଦ୍ରାପଡା ଜିଲ୍ଲାରେ ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି ନଦେଇ ବାହାର ଜିଲ୍ଲାର ଯୁବକଙ୍କୁ ନିଯୁକ୍ତି ଦିଆଯାଇ ଥିବାରୁ ଏହାର ତଦନ୍ତ କରିବା ପାଇଁ ଦାବି କରାଯାଇଛି । କେନ୍ଦ୍ରାପଡାର ଗ୍ରାମୀଣ ଶିକ୍ଷିତ ବେ-ରୋଜଗାର ଯୁବକ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଉନ୍ନତ ଗୋ-ପାଳନ, ଦୁଗ୍ଧ ଉତ୍ପାଦିନ, ଟୀକାକରଣ ଇତ୍ୟାଦି ନିମିତ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଅଧିନରେ ନିଯୁକ୍ତି ଦେବାର ନିୟମ ରହିଛି । ଜିଲ୍ଲାର ଯୁବକମାନେ ନିଜ ନିଜ ଅଂଚଳ ସହିତ ଅବଗତ ଥିବାବେଳେ ଅନ୍ୟ ଜିଲ୍ଲାର ଯୁବକ ମାନେ ଏହି ଅଂଚଳ ସହିତ ଜଣା ଶୁଣା ନଥିବା ବେଳେ ସେମାନଙ୍କୁ ନିଯୁକ୍ତି ଦେବା ଯୋଜନା କୁ ବାଟବଣା କରାଯାଉଛି । ଏହାକୁ ବିଧିବଦ୍ଧ ଭାବେ ତଦନ୍ତ କରାଯିବା ପାଇଁ ସାଧାରଣ ସଂପାଦକ ସୌମ୍ୟ ରଞ୍ଜନ ଧଳ, ଚିତରଞ୍ଜନ ତରାଇ, ପ୍ରଭାତୀ ପାତ୍ର, ଶୁଭ ବେହେରା ପ୍ରମୁଖ ଦାବି କରିଛନ୍ତି।

## ଜମି ଦେବାକୁ କହି ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣକୁ ଗିରଫ କଲା ଖଲ୍ଲିକୋଟ ପୋଲିସ

ଖୋର୍ଦ୍ଧା, (ପି.ଏନ): ଜମି ଦେବାକୁ କହି ୧୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଜଣକୁ ଖଲ୍ଲିକୋଟ ପୋଲିସ ଗିରଫ କରିଛି । ଗିରଫ ଜଣକ ହେଲେ ବାଲୁଗାଁ ଘୁମୁଶର ପଦର ଗ୍ରାମର ମୁରଲୀଧର ତରେଇ । ପୋଲିସ ସୂଚନା ମୁତାବକ ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମର ଲକ୍ଷ୍ମୀନାରାୟଣ ସାହୁଙ୍କ ପରିବାର ସହ ବାଲୁଗାଁ ଘୁମୁଶର ପଦର ଗ୍ରାମର ମୁରଲୀଧର ତରେଇ ପ୍ରଥମେ ସୁସମ୍ପର୍କ ସ୍ଥାପନ କରିଥିଲେ । ପରେ ଲକ୍ଷ୍ମୀନାରାୟଣଙ୍କୁ ମୁରଲୀଧର ମୋର ପୁଅ ଇଞ୍ଜିନିୟରିଂ ପାଠ ପଢ଼ା ଓ ଝିଅର ବିବାହ କରିବା ପାଇଁ ଟଙ୍କା ଆବଶ୍ୟକ ଅଛି । ତେଣୁ ମୋର ଖଣ୍ଡେ ଜମି ଅଛି । ଟଙ୍କା ଦେଲେ ତୁମ ନାମରେ ରେଜିଷ୍ଟ୍ରି କରିଦେବି ବୋଲି ମୁରଲୀଧର ତରେଇ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଲକ୍ଷ୍ମୀନାରାୟଣ ୨୦୨୧ ମାର୍ଚ୍ଚ ୧୩ରେ ଚୁକ୍ତି କରି ମୁରଲୀଧରଙ୍କୁ ୧୫ ଲକ୍ଷ ଟଙ୍କା ଦେଇଥିଲେ ।ପରେ ଲକ୍ଷ୍ମୀନାରାୟଣ ମୁରଲୀଧରଙ୍କୁ ଜମି ରେଜିଷ୍ଟ୍ରେସନ କରିବାକୁ କହିଥିଲେ । ହେଲେ ମୁରଲୀଧର ବିଭିନ୍ନ ସମୟରେ ବାହାନା ଦେଖାଇ ସମୟ ଗଡ଼ାଇ ଚାଲିଥିଲେ । ଏପରିକି ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ଲକ୍ଷ୍ମୀନାରାୟଣ ବାଲୁଗାଁ ମୁରଲୀଧରଙ୍କ ଗ୍ରାମକୁ ଯାଇଥିଲେ । ସେଠାରେ ପରିବାର ଲୋକେ ନାନା ଧମକ ଚମକ ଦେଇ ଗାଁରୁ ତଡ଼ିଦେଲେ । ଅନ୍ୟ ଉପାୟ ନପାଇ ଲକ୍ଷ୍ମୀନାରାୟଣ ଭେଜିପୁଟ ଫାଣ୍ଡିରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ଖଲ୍ଲିକୋଟ ଥାନାରେ କେସ୍ ନଂ-୩୪୪/୨୦୨୩ରେ ମାମଲା ରୁଜୁ କରି ତଦନ୍ତ କରୁଥିଲେ । ତେବେ ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାର ତଦନ୍ତ କରି ଅଭିଯୋଗ ଦାଖଲର ୪ ଘଂଟା ମଧ୍ୟରେ ବାଲୁଗାଁ ଘୁମୁସର ପଦର ଗ୍ରାମକୁ ପୁଲିସ ଯାଇଥିଲେ । ସେଠାରେ ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ କୌଶଳ କ୍ରମେ ମୁରଲୀଧର ତରେଇକୁ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଉଠାଇ ଆଣିଥିଲେ । ପରେ ମୁରଲୀଧର ତରେଇକୁ ବିଭିନ୍ନ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ପୁଇଁତଲା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗୀର, (ପି.ଏନ): ମଇମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁସାରେ ଆଜି ପୁଇଁତଲା ବ୍ଲକ କାର୍ଯାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ , ବଲାଙ୍ଗୀର ଉପ –ଜିଲ୍ଲାପାଳ କୁମାର ନାଗଭୂଷଣଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ପୁଇଁତଲା ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୪୨ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୩୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୦୭ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା ।

## ବାପାଙ୍କ ମୃତ୍ୟୁ ପରେ ପର ପୁରୁଷ ସହିତ ଚାଲିଗଲା ମା, ଅସହାୟ ଅବସ୍ଥାରେ ଦୁଇ ଭାଇ ଭଉଣୀ

ଚମ୍ପୁଆ, (ପି.ଏନ): ବାପାଙ୍କ ମୃତ୍ୟୁର ଚାରି ବର୍ଷ ଗଲାନି, ପର ପୁରୁଷ ସହିତ ଚାଲି ଗଲା ମା' । ମା' ବାପାଙ୍କୁ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଥିବା ଦୁଇ ଭାଇ ଭଉଣୀଙ୍କ ଉପରେ ନା ପଡୁଛି ଚମ୍ପୁଆ ବ୍ଲକ ପ୍ରଶାସନର ନଜର ନା ପଡୁଛି କାଳିକା ପ୍ରସାଦ ସରପଂଚଙ୍କ ନଜର । ପିଲାଙ୍କ ପାଇଁ ତାଙ୍କ କକା ସାଜିଛନ୍ତି ଏକମାତ୍ର ସାହାଭରଷା । ଏପରି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ପଂଚାୟତ କୃଷ୍ଣପୁର ଗ୍ରାମରେ । ସୂଚନା ଅନୁଯାଇ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ପଂଚାୟତ କୃଷ୍ଣପୁର ଗ୍ରାମର ଗୋବିନ୍ଦ ମୁଣ୍ଡା ଗତ ଚାରିବର୍ଷ ତଳେ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ସ୍ତ୍ରୀ ମନ୍ଦାକିନୀ ମୁଣ୍ଡା ଦୁଇ ଶିଶୁଙ୍କୁ ନେଇ ରହି ଆସୁଥିଲେ । କିନ୍ତୁ ଏବେ ପ୍ରାୟ ଏକ ମାସ ପୂର୍ବରୁ ମନ୍ଦାକିନୀ ଅନ୍ୟ ଏକ ପର ପୁରୁଷର ହାତ ଧରି ଚାଲିଯିବା ପରେ ବାପା, ମାଙ୍କୁ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛନ୍ତି ଦୁଇ ଶିଶୁ ପୁଅ ଆକାଶ ମୁଣ୍ଡା(୯) ଝିଅ ସୁଲୋଚନା ମୁଣ୍ଡା(୭) । ଖେଳି ବୁଲି ପାଠ ପଢିବା ସମୟରେ ମୁଣ୍ଡରୁ ଉଠିଗଲା ମା ବାପାଙ୍କ ହାତ । ଫଳରେ ଏହି ଦୁଇ ନା ବାଳକ ଶିଶୁ ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଏକମାତ୍ର ଭଙ୍ଗା ଦଦରା ଚାଳ ଘରେ ମୁଣ୍ଡ ଗୁଞ୍ଜି ରହିଛନ୍ତି । ପିଲାଙ୍କ ଦୁର୍ଦ୍ଦିନରେ ତାଙ୍କ କକା ବଳିଆ ମୁଣ୍ଡା ସାଜିଛନ୍ତି ଏକ ମାତ୍ର ସାହା ଭରଷା । ତାଙ୍କ କକା ବଳିଆଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ପିଲାଙ୍କ ସହିତ ଦୁଇ ଜଣ ବଡ଼ ଭାଇ ଗୁଟକା ମୁଣ୍ଡା ଓ କାଳିଆ ମୁଣ୍ଡା ରହିଛନ୍ତି । ଗୁଟକା ମୁଣ୍ଡା (୬୦)ଙ୍କ ବୟସ ଅଧିକ ହେତୁ କୌଣସି କାମ କରି ପାରୁନଥିବାବେଳେ କାଳିଆ ଦୀର୍ଘ ଦିନରୁ ଟିବି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଏବେ ବୋଝ ଉପରେ ନଳିତା ବିଡା ପରି ପୁଣି ଯୋଡି ହେଲେ ମା ବାପାଙ୍କୁ ହରାଇ ଥିବା ଦୁଇ ଶିଶୁ ଆକାଶ ଓ ସୁଲଚନା । ଫଳରେ ବର୍ତମାନ ଏହି ଆଠ ଜଣିଆ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବଳିଆ ମୁଣ୍ଡା । ବଳିଆ ପରିବାର ଚଳେଇବା ପାଇଁ ପରଘରେ ମୁଲ ଲାଗି କୌଣସି ମତେ ଆହାର ଯୋଗାଡ଼ କରୁଥିବାବେଳେ ଜଣଙ୍କ ରୋଜଗାରରେ ଆଠ ପ୍ରାଣୀ ଚଳିବା କଷ୍ଟକର ହୋଇ ପଡିଛି । ଏପରି ଅବସ୍ଥାରେ ଆଗକୁ ଏହି ଦୁଇ ଅସହାୟ ଭାଇ ଭଉଣୀଙ୍କ ଭବିଷ୍ୟତ କଣ ହେବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହି ଦୁଇ ଭାଇ ଭଉଣୀ ସରକାରଙ୍କ ଆହାର ଯୋଜନାରେ ମଧ୍ୟ ସାମିଲ ହୋଇ ନ ଥିବାରୁ ରେସନ କାର୍ଡରେ ପାଂଚ କିଲୋ ଚାଉଳ ମଧ୍ୟ ପାଉନାହାନ୍ତି । ବର୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲିଷ୍ଟରେ ମା ମନ୍ଦାକିନୀଙ୍କ ନାମ ରହିଛି, କିନ୍ତୁ ମନ୍ଦାକିନୀ ପିଲାଙ୍କୁ ଛାଡି ଅନ୍ୟତ୍ର ଚାଲିଯିବାପରେ ପିଲାମାନଙ୍କୁ ଅବାସ ଯୋଜନାରେ ଘର ମିଳିବକି ନାହିଁ ସନ୍ଦେହ ସୃଷ୍ଟି ହୋଇଛି । ପୁଅ ଆକାଶ କୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବାବେଳେ ପାଠ ପଢିବାକୁ ଇଚ୍ଛା ଥାଇବି ସ୍କୁଲରେ ପାଦ ଥାପି ପାରିନି ଝିଅ ସୁଲୋଚନା । ଆଶାଥିଲା ପାଠ ପଢିବେ, ନିଜ ଭବିଷ୍ୟତ ଗଢିବେ, ହେଲେ ବାପାଙ୍କ ମୃତ୍ୟୁ ପରେ ମା ଅନ୍ୟର ହାତ ଧରି ଚାଲିଗଲା । ଏବେ ଆଗକୁ ଏହି ଦୁଇ ଭାଇ ଭଉଣୀଙ୍କ ଭବିଷ୍ୟତ ତଥା ଖାଦ୍ୟପେୟ ଠାରୁ ଆରମ୍ଭ କରି ପାଠ ପଢି ପାରିବେ କି ନାହିଁ ସନ୍ଦେହ ଦେଖା ଦେଇଛି । ତେଣୁ ଏହି ଦୁଇ ଅସହାୟ ନାବାଳକ ଭାଇ ଭଉଣୀ ଙ୍କ ପାଠ ପଢା ଓ ଭବିଷ୍ୟତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଝାରସୁଗୁଡ଼ାରେ ଓଡ଼ିଶା ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତିର ସର୍ଭେ ଆସନ୍ତା ମେ ୧୬ରୁ

ଝାରସୁଗୁଡ଼ା, (ପି.ଏନ): ଜିଲ୍ଲାରେ ଓଡ଼ିଶା ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତି(ଏସ୍ଇବିସି) ସର୍ଭେ ଆସନ୍ତା ମେ' ୧୬ରୁ ୧୧ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏସ୍ଇବିସି ସର୍ଭେ ଗତ ମେ' ୧ତାରିଖରୁ ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡ଼ାରେ ଉପନିର୍ବାଚନ ପରିପ୍ରେକ୍ଷୀରେ ଏହି ସର୍ଭେ ସ୍ଥଗିତ ରଖା ଯାଇଥିଲା । ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଂଚଳରେ ସଚେତନତା ରଥ ପରିଭ୍ରମଣ କରିବ । ଜିଲ୍ଲାରେ ୩୭୭ଟି ସର୍ଭେ ସେଂଟର ସ୍ଥିର କରାଯାଇଛି । ୩୯୪ଜଣ ଏନୁମୁରେଟର ଓ ୪୦ଜଣ ସୁପରଭାଇଜରଙ୍କୁ ଏଥି ସକାଶେ ନିୟୋଜିତ କରାଯାଇଛି । ସର୍ଭେ ମାଧ୍ୟମରେ ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ତଥ୍ୟ ଗ୍ରହଣ କରାଯିବ । ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆ ବର୍ଗର ଲୋକଙ୍କ ପାଇଁ ସର୍ଭେ ଉଦ୍ଦିଷ୍ଟ । ପରିବାରର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ/ସଦସ୍ୟା ପରିବାରର ସମସ୍ତ ତଥ୍ୟ ସର୍ଭେ ସେଣ୍ଟରରେ ପ୍ରଦାନ କରିପାରିବେ । ସର୍ଭେ ସକାଶେ ପରିବାରର ରାସନ କାର୍ଡ ସହ ସମସ୍ତ ସଦସ୍ୟଙ୍କର ଯେ କୌଣସି ପରିଚୟ ପତ୍ର ଯଥା ଆଧାର କାର୍ଡ କିମ୍ବା ଭୋଟର ପରିଚୟ ପତ୍ର ବା ପ୍ୟାନ କାର୍ଡ ନଚେତ ପାସପୋର୍ଟ ଆବଶ୍ୟକ । ରାସନ କାର୍ଡ ନଥିବା ପଛୁଆ ବର୍ଗ ପରିବାର ସଦସ୍ୟ ମଧ୍ୟ ସର୍ଭେ ସେଣ୍ଟରରେ ତଥ୍ୟ ପ୍ରଦାନ କରିପାରିବେ । ଅନଲାଇନ(ଙ୍ଗଙ୍ଗଙ୍ଗ.କ୍ଟଗ୍ଧମଭମ.କ୍ଟୟସଗ୍ଧଷବ.ଶକ୍ଟଙ୍ଗ.ସଭ)ରେ ବିନା ମୂଲ୍ୟରେ ମଧ୍ୟ ଫର୍ମ ପୂରଣ କରାଯାଇପାରିବ । ''ମୋ ସେବାକେନ୍ଦ୍ର''ରେ ସ୍ଥିରୀକୃତ ଦେୟ ପ୍ରଦାନ କରି ଅନଲାଇନରେ ଫର୍ମ ପୂରଣ କରି ହେବ । ସର୍ଭେ ସେଣ୍ଟର କିମ୍ବା ଅନଲାଇନ ଯେ କୌଣସି ଗୋଟିଏ ମାଧ୍ୟମରେ ଫର୍ମ ପୂରଣ କରାଯାଇପାରିବ । ସର୍ଭେ ସେଣ୍ଟର ସମ୍ପର୍କରେ ଖାଉଟି ସାମଗ୍ରୀ ବଂଟନ କେନ୍ଦ୍ର କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରରେ ସୂଚନା ଉପଲବ୍ଧ । ସଚେତନତା ରଥର ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଜଗଦୀଶ ଚନ୍ଦ୍ର ମେହେର, ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ ।

## ନବନିର୍ମିତ ବୁଢିମା ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

ସୁବର୍ଣ୍ଣପୁର, (ପି.ଏନ): ସହରର ଢେରାପଡା ଠାରେ ସଂପୂର୍ଣ୍ଣ ଦକ୍ଷିଣଭାରତୀୟ ଢାଂଚାରେ ନୂତନଭାବେ ନିର୍ମିତ ମା ବୁଢିମା ଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ମହା ସମାରୋହରେ ପାଳନ କରାଯିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଗତକାଲି ସନ୍ଧ୍ୟାରେ ଢେରାପଡା ସ୍ଥିତ ବୁଢିମା ଯୁବକ ସଂଘ ଠାରେ ଏକ ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ମାଙ୍ଗଳିକ, ବାସୁଦେବ ପୂଜା ତଥା ଦେବନିମନ୍ତ୍ରଣ, ଭୂମିପୂଜା, ନୃସିଂହ ଯଜ୍ଞ, ବରାହ ଓ କୃମ ଅନନ୍ତ ପୂଜାନ୍ତେ ଯଜ୍ଞଧ୍ୱଜା ଉତ୍ତୋଳନ କାର୍ଯ୍ୟକ୍ରମ ସରିଥିବା ବେଳେ ଅଙ୍କୁରାରୋପଣ, ଶୁକ୍ଳ ଦ୍ୱିତୀୟା ରବିବାର ୨୧ ତାରିଖରେ କଳସାଧିବାସ ଓ ମଣ୍ଡଳବିଧାନ ସହ କଳସାନୟନ, ମଣ୍ଡପ ପୂଜାବିଧାନ ଚତୁର୍ଥୀ ଲଗ୍ନେ ଶାଖାମୂର୍ତୀ ମହାସ୍ନାନ, ଶୁକ୍ଳପଂଚମୀରେ ମନ୍ଦିର ଅଧ ଉର୍ଦ୍ଧ୍ୱ ଶୋଧନ ସହିତ ଦେବ ଦେବ ମହାଦେବ ଲିଙ୍ଗ ଓ ପାର୍ଶ୍ୱଦେବତା ମନ୍ଦିରେ ସ୍ଥାପନ ଓ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହେବ । ୨୫ ତାରିଖ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ଗୁରୁବାର ପୂର୍ଣ୍ଣ ।ହୃତି ପୂର୍ବକ ମା ବୁଢିମା ଠାକୁରାଣୀଙ୍କ ମନ୍ଦିର ବିଜେ କାର୍ଯ୍ୟକ୍ରମ ରହିଛି ।ପ୍ରକାଶ ଯୋଗ୍ୟଯେ, ସଂପୂର୍ଣ୍ଣ ଦକ୍ଷୀଣ ଭାରତୀୟ ଢାଂଚାରେ ନିର୍ମିତ ଏହି ମନ୍ଦିର ନିର୍ମାଣରେ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ବେଳେ ଏହା ମନ୍ଦିର ମାଳିନୀ ସୁବର୍ଣ୍ଣପୁରକୁ ଆସୁଥିବା ପର୍ଯ୍ୟଟକଙ୍କୁ ବହୁମାତ୍ରାରେ ଆକୃଷ୍ଟ କରିବ ବୋଲି କମିଟି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି । ଏହି ଅବସରରେ ପ୍ରତି ସଂଧ୍ୟାରେ ସୁନ୍ଦରାକାଣ୍ଡ, ଭଜନ ସଂଧ୍ୟା ସହ ଅନେକ ଆଧାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଏବଂ ଦୁଇ ଦିନ ଧରି ଶ୍ରଦ୍ଧାଳୁଙ୍କ ପାଇଁ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।ଆଜିର ଏହି ଖବରଦାତା ସମ୍ମିଳନୀରେ ମନ୍ଦିର ନିର୍ମାଣ କମିଟିର ସଂପାଦକ ଜନ୍ମେଜୟ ପାତ୍ର, ଉପସଭାପତି ବି.ସତ୍ୟନାରାୟଣ ରାଓ, ବୁଢିମା ଯୁବକ ସଂଘ ସଭାପତି ଦିଲ୍ଲୀପ ପାତ୍ର, ବରିଷ୍ଠ ସଭ୍ୟ ଆନନ୍ଦ ପାତ୍ର, କୋଷାଧକ୍ଷ ଶ୍ୟାମ ସୁନ୍ଦର ପାତ୍ର ଓ କାଉନସିଲର ରାଜକିଶୋର ରାଓ ତଥା ପଡାର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday May 17, 2023 ଭୁବନେଶ୍ୱର ବୁଧବାର, ମଇ ୧୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଜଟଣୀ ଏଖରାଜତ ମାହାଲ ଭୂସଂପତି ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଜଟଣୀ ନାଗରିକ କମିଟି



ଭୁବନେଶ୍ୱର (ପି.ଏନ): ଆଜି ପୂର୍ବାହ୍ନ ୧୨ ଘଂଟା ସମୟରେ ଜଟଣୀ ବିଧାୟକ ଶ୍ରୀ ସୁର ରାଉତରାୟଙ୍କ ନେତୃତ୍ୱରେ ଜଟଣୀ ଏଖରାଜତ ମାହାଲ ଭୂସଂପତିର ମାଲିକାନା ପରିବର୍ତନ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନାଙ୍କୁ ଭେଟିଲେ ଜଟଣୀ ନାଗରିକ କମିଟି। ପ୍ରସଙ୍ଗ ଏହିକିଯେ ଜଟଣୀ ମ୍ୟୁନିସ୍‌ପାଲଟି ଏବଂ ଏହାର ପାଶ୍ୱବର୍ତୀ ଗ୍ରାମ ଯଥା ବେରୁଆଁ, ବାଇରଙ୍ଗ, ନିରନପୁର, ଭଁସର, ହରିରାଜପୁର, କୁଦିଆରୀ, ବୁଢ଼ାପଡ଼ା, କଂଟିଆ, ରଥିପୁର, କୁସମାଟି, ଛଣଘର, ଓଗରସୁଆଁ, ରାମଚନ୍ଦ୍ରପୁର, ଗୋପିନାଥପୁର, ନୂଆଗାଁ ଏବଂ ଅନ୍ୟାନ୍ୟ କିଛି ଗ୍ରାମର ଜନସାଧାରଣଙ୍କ ପୈତୃକ ସଂପତି ୨୦୧୨ ମସିହାରେ ଜଣେ ସେଟଲମେଂଟ ଅଫିସରଙ୍କର ତୃଟି ଯୋଗୁଁ ଜଗନ୍ନାଥଙ୍କ ଜମିରେ ପରିଣତ ହୋଇଗଲା। ଏଥିଯୋଗୁଁ ଜଟଣୀର ପ୍ରାୟ ଲକ୍ଷ ଲକ୍ଷ ପରିବାର ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଲେ। ଏହାର ସମାଧାନ ପାଇଁ ବର୍ଷବର୍ଷଧରି ଆନ୍ଦୋଳନ ଚାଲିଲା, ପ୍ରତବାଦ ମଧ ଚାଲିଲା। ଏହାର ସମାଧାନ ପାଇଁ ରାଜ୍ୟ କ୍ୟାବିନେଟରେ ଚୂଡ଼ାନ୍ତ ନିଷ୍ପତି ନିଆଯିବାପରେ ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଜଟଣୀ ନାଗରିକ କମିଟି ଭେଟିଥିଲା। ଏଠାରେ ପ୍ରକାଶଥାଉକି ସେହି ସ୍ଥିତିବାନ ସଂପତିକୁ ଫେରିବାପାଇଁ ନାଗରିକ କମିଟି ପକ୍ଷରୁ ଶ୍ରୀ ରାଉତରାୟ ଏବଂ ସେଠିକାର ଅନ୍ୟାନ୍ୟ ମୁରବୀ ସ୍ଥାନୀୟ ବ୍ୟକ୍ତିବିଶେଷ ଏବଂ ଯେଉଁମାନେ ଏହି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବର୍ଷବର୍ଷ ଧରି ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ରେଭିନ୍ୟୁ ସଚିବ, ଜିଲ୍ଲାପାଳ ଏବଂ ଏଥିସହ ସଂପୃକ୍ତ ସମସ୍ତ ସରକାରୀ ଅଫିସରଙ୍କ ଦୃଷ୍ଟି ଆକର୍ଷଣ କଲେ କ୍ଷତିଗ୍ରସ୍ତ ଲୋକେ ଯେଉଁ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି ତାର ସୀମା ନାହିଁ। ପୁଅ ବାହାଘର, ଝିଅ ବାହାଘର, ସୁଧିକ୍ରିୟା, ବ୍ରତ, ପାଠପଢ଼ା, ରୋଗୀ ଚିକିତ୍ସା ପ୍ରଭୃତି କୌଣସି ସାମାଜିକ କାର୍ଯ୍ୟରେ ମଧ ପୈତୃକ ସଂପତିର ବିକ୍ରୟ କରିପାରିଲେ ନାହିଁ। ସେପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୌଣସି ଉନ୍ନୟନ ଯୋଜନା ଏହି ଅଂଚଳରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ରାସ୍ତାର ପୁନରୁଦ୍ଧାର, କମ୍ୟୁନିଟି ସେଂଟର, ଖେଳପଡ଼ିଆର ଉନ୍ନତିକରଣ, ଆବାସ ଯୋଜନା ପ୍ରଭୃତି କ୍ଷେତ୍ରରେ କୌଣସି ସରକାରୀ କାର୍ଯ୍ୟ ଏ ଅଂଚଳରେ ହୋଇପାରିଲା ନାହିଁ। ଏଥିପାଇଁ ରାଜଧାନୀରେ ବାରମ୍ବାର ଆନ୍ଦୋଳନ ହେଲା, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଶ୍ରୀ ରାଉତରାୟଙ୍କ ସମେତ ସମସ୍ତ କ୍ଷତିଗ୍ରସ୍ତ ଲୋକେ ସମୁହ ଆତ୍ମଦାହ କରିବେ ବୋଲି ନିଷ୍ପତି ନେଇଥିଲେ। ସରକାର ଏହି ଦାବିକୁ ବିଚାରକୁ ନେଲେ ଏବଂ ମୁଖ୍ୟ ଶାସନ ସଚିବ ମଧ ଅନେକଥର ଶ୍ରୀ ରାଉତରାୟଙ୍କ ସହ ଆଲୋଚନା ସମୟରେ ଘଟଣାର ସମାଧାନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସଂକେତ ଦେଇଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ ୧୫୬ ଗୋଟି ମୌଜା ଏଖରାଜତ ମାହାଲ ଥିଲା। ଓଡ଼ିଶା ସରକାର ଜମିଦାରୀର ଉଚ୍ଛେଦ ପରେ ୧୨୦ ଟି ମୌଜାର ୧୯୬୨-୬୫ ରେକର୍ଡଭୁକ୍ତ ରୟତ ମାନଙ୍କୁ ଚୂଡ଼ାନ୍ତ ପ୍ରକାଶିତ ରୟତି ପଟା ପ୍ରଦାନ କରିଛନ୍ତି। ଅର୍ଥାତ ୧୨୦ଟି ମୌଜାର ଲୋକମାନେ ତାଙ୍କର ପୈତୃକ ସଂପତି ଫେରିପାଇଛନ୍ତି। ମାତ୍ର ବାକି ୩୬ ଟି ମୌଜା ଉକ୍ତ ମାହାଲାର ଜମିଦାରୀ ଉଚ୍ଛେଦପରେ ନିଜର ପୈତୃକ ସଂପତିର ବିକାକିଣା କରିବାର ଅଧିକାର ପାଇଥିଲେ କିନ୍ତୁ ହଠାତ ଜଣେ ସେଟଲମେଂଟ ଅଫିସରଙ୍କ ତ୍ରୁଟି ଯୋଗୁଁ ୨୦୧୨ ମସିହାରୁ ଜମିର ବିକାକିଣା ସବୁ ବନ୍ଦ ହୋଇଗଲା। ଏହି ଜମିକୁ ଜଗନ୍ନାଥଙ୍କ ନାମରେ କରିଦିଆଗଲା। ମାନ୍ୟବର ମୁଖ୍ୟ ଶାସନ ସଚିବ ଏସବୁ ଘଟଣାକୁ ବୁଝି ଆଜି ପ୍ରତିଶ୍ରୁତି ଦେଇଛନ୍ତି ଯେ ଏହାର ପୁଙ୍ଖାନୁପୁଙ୍ଖ ଆଲୋଚନା ଖୁବଶୀଘ୍ର ହେବ ଏବଂ କ୍ଷତିଗ୍ରସ୍ତ ଲୋକଙ୍କର ସୁବିଧା ପାଇଁ ଖୁବ୍‌ଶୀଘ୍ର ଘଟଣାର ଆଶୁ ସମାଧାନ ହେବ। ଆଜିର ବୈଠକରେ ପଦ୍ମଚରଣ ସୁବୁଦ୍ଧି, ବିବେକାନନ୍ଦ ବଡ଼ଜେନା, ବୃନ୍ଦାବନ ସାହୁ, କଳିଙ୍ଗ ସାହୁ, ଲୁସେନ ରାୟ, ହଟକିଶୋର ପ୍ରଧାନ, ସୁନିଲ କୁମାର ରାଉତରାୟ, ନୌସରୀ ଅଲ୍ଲି, ଏମଡୀ ନଜିଦ ଓ ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ଆର୍ଟ ଅଫ ଲିଭିଂ ର ପରିବେଶ ସୁରକ୍ଷା ଅଭିଯାନ

ପାରାଦୀପ,(ପି.ଏନ): ଆସନ୍ତା ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ପାରାଦୀପର ଆର୍ଟ ଅଫ ଲିଭିଂ ପରିବେଶ ସୁରକ୍ଷା ନିମନ୍ତେ ମେ ୧୩ ତାରିଖରୁ ବୃକ୍ଷ ରୋପଣ ଅଭିଯାନ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ବରିଷ୍ଠ ଯୋଗଗୁରୁ ତଥା ଜ୍ୟୋତିର୍ବିଦ ତାପସ ପତିଙ୍କ ତତ୍ୱାବଧାନରେ ସୋମବାର ଦିନ ମଧୁବନସ୍ଥିତ କପିଳମୁନି ଆଶ୍ରମ ଓ ତାରେଣୀଗଡାର ଜଗନ୍ନାଥ ମନ୍ଦିର ସ୍ଥିତ କଲ୍କି ମଠ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ, ମୁଖ୍ୟ ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ର ନାଥ ସୋନ୍ଧୀ, ଉପସଂରକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ବରିଷ୍ଠ ଅଧିକାରୀ ରୁଦ୍ର ନାରାୟଣ ମିଶ୍ର, ପ୍ରଶାନ୍ତ ମହାରଣା, ଶ୍ରୀ ରବିଶଙ୍କର ଆଶ୍ରମର ଶିଶ୍ୟ ଓ ଭକ୍ତମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ଏହି ଅଭିଯାନକୁ ପାରାଦୀପ ଆର୍ଟ ଅଫ ଲିଭିଂ ର ସଂପାଦକ ସୁଶାନ୍ତ କୁମାର ସେଠୀ, ଆଶିଷ ଲେଙ୍କା, ଅନନ୍ତ ମିଶ୍ର, ସ୍ମୃତି ମହାନ୍ତି, ଆଲୋକ ମହାପାତ୍ର, ପବିତ୍ର ଦାସ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ବେଥାନୀ କନଭେଣ୍ଟ ସ୍କୁଲ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗୀତା




ପାରାଦୀପ,(ପି.ଏନ): ପାରାଦୀପ ମଧୁବନସ୍ଥିତ ବେଥାନୀ କନଭେଞ୍ଚ ସ୍କୁଲ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଲାଇଫ ଷ୍ଟାଇଲ୍ ଫର୍ ଏନଭିରୋନମେଞ୍ଚ ଥିଲା ଏବର୍ଷର ଲକ୍ଷ୍ୟ । ପରିବେଶକୁ ପ୍ରଦୂଷଣ ମୁକ୍ତ କରାଇବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ମଧରେ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ବିପିସିଏଲ୍ ପାରାଦୀପ ୟୁନିଟ୍ ଦ୍ୱାରା ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ପରବେଶ ସୁରକ୍ଷାର ସୁନ୍ଦର ଚିତ୍ର ଆଙ୍କିଥିଲେ । କାର୍ଯ୍ୟକ୍ରମକୁ ବେଥାନୀ ସ୍କୁଲର ଅଧକ୍ଷ ଫାଦର ଜୀବନ୍ତ କୁମାର ନାୟକ, କାର୍ଯ୍ୟକ୍ରମ ସଂଯୋଜିକା ମୋନୀ ଲାଲ୍, ଚିତ୍ରାଙ୍କନ ପ୍ରଶିକ୍ଷକ ବିଜୟ ସୂତାର ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନେ ଆଗ୍ରହର ସହିତ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ।

## ଆଇଜିକେ ପକ୍ଷରୁ କଲର ବେଲ୍ଟ ପ୍ରଦାନ

ପାରାଦୀପ,(ପି.ଏନ): ଆନ୍ତର୍ଜାତୀୟ ଗୋସୋକୋ- ରିୟୁ କରାଟେ ଡୁ ଆସୋସିଏସନ, ଓଡିଶା ଶାଖା ପକ୍ଷରୁ ସଫଳ କରାଟେକା ମାନଙ୍କୁ କଲର ବେଲ୍ଟ ପ୍ରଦାନ କରାଯାଇଛି । ପାରାଦୀପର ମଧୁବନସ୍ଥିତ ଆମ୍ବେଦକର ପାର୍କ ପରିସରରେ ସୋମବାର ଦିନ ଏହି ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି କରାଟେକା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆସୋସିଏସନର ମୁଖ୍ୟ ପ୍ରଶିକ୍ଷକ ସଂଜୟ ସାହା କଲର ବେଲ୍ଟ ପ୍ରଦାନ କରି କରାଟେକା ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଆଇଜିକେ ପରିଚାଳନା ସଂପାଦକ ସଂଜୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କରାଟେକା ମାନଙ୍କ ସମେତ ବହୁ ଅଭିଭାବକ ଓ ଅଭିଭାବିକା ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ



ମାଲକାନଗିରି, (ପି.ଏନ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଅଷ୍ଟମ ତମ ଜାତୀୟ ଡେଙ୍ଗୁ ଦିବସର ସ୍ଲୋଗାନ ହେଉଛି , ଦୃଢତାର ସହିତ ସହଭାଗିତା ରଖି ଡେଙ୍ଗୁକୁ ପ୍ରତିହତ କରିବା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) , ମହେଶ୍ୱର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଯେଉଁ ଆଶା, ଅଙ୍ଗନୱାଡି କର୍ମୀ ଉତ୍କୃଷ୍ଟ କାମ କରିବେ ତାଙ୍କୁ ସମ୍ବର୍ଦ୍ଧନା କରାଯିବ। ସେହିପରି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ( ମଶା ବାହିତ ରୋଗ) ଡ଼ା ଧନେଶ୍ୱର ମହାପାତ୍ର ଓ ଡ଼ା ଅନିଲ ମିଶ୍ର ଉପସ୍ଥିତ ରହି ଡେଙ୍ଗୁ ନିରାକରଣର ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ୨୦୨୧ ମସିହା ରେ ୨୬୯୮ ଡେଙ୍ଗୁ ସନ୍ଦେହୀ ରୋଗୀଙ୍କର ରକ୍ତ ପରୀକ୍ଷା କରାଯାଇ ୩୩୬ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ୨୦୨୨ ମସିହାରେ ୫୩୦୯ ଜଣଙ୍କର ପରୀକ୍ଷା କରାଯାଇ ୩୫୯ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ସେହିପରି ୨୦୨୩ ରେ ଅର୍ଥାତ୍ ବର୍ତ୍ତମାନ ପର୍ଯ୍ୟନ୍ତ ୫୮୫ ଜଣଙ୍କର ରକ୍ତ ପରୀକ୍ଷା ହୋଇ କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ନାହିଁ ।ସେହିପରି ଜିଲ୍ଲା ମଶା ବାହିତ ରୋଗ ପରାମର୍ଶଦାତା ଅଜିତ କୁମାର ଦଲାଇ , ଆଶା ଓ ଅଙ୍ଗନବାଡି କର୍ମୀ , ସ୍ୱାସ୍ଥ୍ୟ କର୍ମୀ ମାନଙ୍କ କାର୍ଯ୍ୟ ପ୍ରଣାଳୀ କ'ଣ ଓ ତାଙ୍କର ଦାୟିତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଚଳିତ ବର୍ଷ ର ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ମଶା ବାହିତ ରୋଗ ବିଶେଷଜ୍ଞ ବିକାଶ ପାଣିଗ୍ରାହୀ ସହାୟତା କରିଥିଲେ । ଏହି ଦିବସରେ ମାଲକାନଗିରି ପୌର ପରିଷଦର ସମସ୍ତ ଆଶା, ଅଙ୍ଗନବାଡି ଓ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ ।

## ମୋଦୀ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ବ୍ୟାପକ ଅଭିଯାନ : ଶ୍ରମିକ ସଂଗଠନ ସମୂହ

ଭୁବନେଶ୍ୱର, (ପି.ଏନ): ମୋଦିଙ୍କ ନେତୃତ୍ୱରେ ବିଜେପି ସରକାରର ୯ ବର୍ଷର ଶାସନ ମଧରେ ଅମୃତକାଳ, ନୟାଭାରତ ଆଦି ସ୍ଲୋଗାନ ଦେଇ କରୋନା ପରେ ମୋଦି ସରକାର ଶ୍ରମିକମାନଙ୍କ ଉପରେ ଦମନ ନୀତି ଚଳାଇଛନ୍ତି ଓ ଶ୍ରମଜୀବିମାନଙ୍କୁ ଧୋକ୍କା ଦେବାରେ ଲାଗିଛନ୍ତି। ଯାହାବି ଦେଖୁଛେ ତାହା ହେଉଛି ବୁଲ୍‌ଡୋଜର ରାଜ। ଶ୍ରମଜୀବୀମାନଙ୍କ ଜୀବନ ଜୀବିକା ଓ ଅଧିକାର ପ୍ରଶ୍ନ ଉପରେ ଦେଶର ସମ୍ପତ୍ତି ଏବଂ ସମ୍ବଳ, ଗଣତନ୍ତ୍ର ଓ ସମ୍ବିଧାନ, ଆମ ସମାଜର ଧର୍ମନିରପେକ୍ଷତା ସମୃଦ୍ଧ ଓ ବିବିଧତା ମୋଦି ଶାସନରେ ବିନାଶକାରୀ ଶାସକ ଭାବେ ପ୍ରମାଣିତ ହୋଇଛି। ମୋଦିଙ୍କ ୯ ବର୍ଷ ଶାସନ କାଳରେ ଦରବୃଦ୍ଧି, ବେକାରୀ, ମହଙ୍ଗା ମାଡ଼, ଦେବାଳିଆ ଅର୍ଥ ବ୍ୟବସ୍ଥା, ଛଟେଇ, ଦରମା କାଟ, ତାଲାବନ୍ଦୀ, କମି କମି ରହିଥିବା ଦୟନୀୟ ମଜୁରୀ ହାର, ସାମାଜିକ ସୁରକ୍ଷା ଆଦି ଚାଲିଛି। ସରକାରୀ ଘୃଣ୍ୟ ଶ୍ରମକୋଡ଼କୁ ସମସ୍ତ ବିଜେପି ଶାସିତ ରାଜ୍ୟ ମାନଙ୍କର ଏହାର ବିଭିନ୍ନ ଅଂଶକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଦେଇଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥା ଓ ସରକାରୀ ବିଭାଗ ଗୁଡ଼ିକର ଘରୋଇକରଣ ସହ ଦେଶର ସମ୍ପତ୍ତି ବିକିବା ଏବେ ବିଜେପି ସରକାରର ପ୍ରଧାନ କାର୍ଯ୍ୟ ହୋଇଛି। ୯ ଗୋଟି ଶ୍ରମିକ ସଂଗଠନ ପକ୍ଷରୁ ଆସନ୍ତା ୨୧ ତାରିଖରେ ରାଜ୍ୟ କନ୍‌ଭେନସନରେ ମୋଦି ସରକାରଙ୍କର ଏହି ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରିବା ସହିତ ଅତ୍ୟନ୍ତ ମନୋମୁଖୀ ଭାବେ ଓ ହାସ୍ୟସ୍ପଦ କାରଣ ଦର୍ଶାଇ ଦେଶର ଅନ୍ୟତମ ପୁରୁଖା ଓ ଲଢୁଆ ସଂଗଠନ ନ୍ୟାସନାଲ ଫେଡ଼େରେସନ ଅଫ ପୋଷ୍ଟାଲ ଏମ୍ପ୍ଲୋଇଜ୍ ଏବଂ ଅଲ ଇଣ୍ଡିଆ ପୋଷ୍ଟାଲ ଏମ୍ପ୍ଲୋଇଜ ୟୁନିଅନ ଗ୍ରୁପ - ସି ଠାରୁ ସ୍ୱୀକୃତି ବାତିଲ କରିଦେଇଛନ୍ତି। ଏହା ପୁଣି ନୂତନ ଭାବେ ସ୍ୱୀକୃତି ପାଇଁ ଉଦ୍ଦିଷ୍ଟ ଭୋଟ ଗ୍ରହଣ ତାରିଖ ପୂର୍ବରୁ ଏଭଳି ସ୍ୱେରତନ୍ତ୍ରୀ ଆଦେଶ ତୁରନ୍ତ ପ୍ରତ୍ୟାହାର ହେବା ଦରକାର। ମୋଦି ସରକାର ତୁରନ୍ତ ଶ୍ରମିକ ସଂଘର ମାନ୍ୟତା ଦେବାକୁ ଯେଉଁଭଳି ଭାବେ ନିଷିଦ୍ଧ କରିଛନ୍ତି ତାକୁ ନିନ୍ଦା କରିବା ସହିତ ପୁନଃ ଶ୍ରମିକ ସଂଗଠନର ମାନ୍ୟତା ଦେବାକୁ ଦାବୀ କରାଯାଇଛି। ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ ୯ଟି କେନ୍ଦ୍ରୀୟ ସଂଗଠନ ଓ ସ୍ୱାଧୀନ କର୍ମଚାରୀ ଫେଡ଼େରେସନମାନଙ୍କ ପକ୍ଷରୁ ଚାରୋଟି ଘୃଣ୍ୟ ଶ୍ରମକୋଡ଼ ବାତିଲ୍, ଚାଷୀ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନୋଟିଫିକେସନ, ଋଣ ଛାଡ଼ ଓ ଦର ବୃଦ୍ଧି, ବେକାରୀ, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ବର୍ଷକୁ ମନରେଗା କାମ ଅତି କମ୍‌ରେ ୨୦୦ ଦିନ ଏବଂ ସେହି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରୀ ୬୦୦ ଟଙ୍କା, ଠିକା ଓ ସ୍କିମ୍ ଶ୍ରମିକଙ୍କୁ ସ୍ଥାୟୀ କରିବା, ରାଷ୍ଟ୍ରାୟତ ଉଦ୍ୟୋଗ ଓ ସରକାରୀ ବିଭାଗର ଘରୋଇକରଣ ବାତିଲ କରିବା ଆଦି ପ୍ରଶ୍ନ ଉପରେ ଆସନ୍ତା ମଇ ୨୧ ତାରିଖରେ ରାଜ୍ୟସ୍ତରୀୟ କନଭେନସନ ହେବ ଓ ମଇ ମାସ ଠାରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ଆନ୍ଦୋଳନର ପୂର୍ଣ୍ଣାଙ୍ଗ ରୂପ ରେଖ ସ୍ଥିର କରାଯିବ ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତୃବୃନ୍ଦ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି। ଆଇ.ଏନ୍.ଟି.ୟୁ.ସିର ନେତା - କିଶୋର ଜେନା, ଏଆଇଟିୟୁସିର ନେତା - ବିଜୟ ଜେନା, ଏଚ୍.ଏମ୍.ଏସ୍‌ର ନେତା - ପ୍ରଭାକର ପଲେଇ, ସିଆଇଟିୟୁର ନେତା - ବିଷ୍ଣୁ ମହାନ୍ତି, ଏ.ଆଇ.ୟୁ.ଟି.ୟୁ.ସି ର ନେତା - ପୂର୍ଣ୍ଣଚନ୍ଦ୍ର ବେହେରା ଓ ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁର ନେତା - ମହେନ୍ଦ୍ର ପରିଡ଼ା, ଟିୟୁସିସିର ନେତା - ଜ୍ୟୋତିରଞ୍ଜନ ମହାପାତ୍ର, ଏଲପିଏଫର ନେତା ବିରେନ୍ଦ୍ର ପ୍ରସାଦ ଦାସ, ସେୱାର ନେତ୍ରୀ - ପରିଲତା ମହାପାତ୍ର, ଏଆଇସ୍.ଜି.ଇ.ଫର ନେତା - ପ୍ରଶାନ୍ତ କୁମାର ମହାନ୍ତି, ସିସିଜିଇଡବ୍ଲୁର ନେତା - ରବୀନ୍ଦ୍ରନାଥ ଧଳ ଓ ଏଆଇବିଇଏର ନେତା - ସଂଜୀବ ପତି ପ୍ରମୁଖ ଉପସ୍ଥିତ ଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray